## ଆଜି ପ୍ରାର୍ଥୀଙ୍କ ଭାଗ୍ୟ ଫଳ

# ଲୋକସଭା ଓ ବିଧାନସଭା ଆସନ ପାଇଁ ଭୋଟ ଗଣତି

ବଲାଙ୍ଗିର, ୩।୬(ସମିସ)

ଆଜି ହେବ ଭୋଟ ଗଣତି। ସ୍ପଷ୍ଟ ହେବ ପ୍ରାର୍ଥୀଙ୍କ ଭାଗ୍ୟ। ଗତ ୨୦ ତାରିଖରେ ବଲାଙ୍ଗିର ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୫ ବିଧାନସଭା ଆସନ ଓ ଲୋକସଭା ଆସନ ପାଇଁ ମଙ୍ଗଳବାର ଭୋଟ ଗଣତି ହେବ। କିଏ ପିନ୍ଧିବ ବିଜୟ ମୁକୁଟ, କାହାକୁ ପରାଜୟରେ ସନ୍ତୁଷ୍ଟ ହେବ ତାହା ସ୍ପଷ୍ଟ ହେବ। ଦୀର୍ଘ ଦିନ ଧରି ହାର ଜିତ୍‌କୁ ନେଇ ଚାଲିଥିବା ଅଙ୍କକଷାରେବି ପୂର୍ଣ୍ଣଚ୍ଛେଦ ପଡ଼ିବ। ଜିଲ୍ଲାର ପ୍ରାୟ ସମସ୍ତ ନିର୍ବାଚନମଣ୍ଡଳୀରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିବାବେଳେ କେଉଁ ଆସନରେ କିଏ ଜିତିବ ତାହା ପ୍ରାର୍ଥୀମାନେ ମଧ୍ୟ ଠଉରାଇବାରେ ବିଫଳ ହୋଇଥିଲେ। ଭୋଟ ଗଣତିକୁ ନେଇ ସମସ୍ତ ରାଜନୈତିକ ଦଳ, ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଥିବାବେଳେ ସମସ୍ତଙ୍କ ନଜର ଭୋଟ ଗଣତି ଉପରେ ରହିଛି।

ବଲାଙ୍ଗିର ଲୋକସଭା ଆସନରେ ଥିବା ସାତୋଟି ବିଧାନସଭା ନିର୍ବାଚନମଣ୍ଡଳୀର ମତଦାତା ନିଜ ବହୁମୂଲ୍ୟ ଭୋଟ ଦେଇଥିଲେ। ଇଭିଏମ ମେସିନରେ ୨୦ ତାରିଖରୁ ପ୍ରାର୍ଥୀମାନଙ୍କ ଭାଗ୍ୟ ସିଲ୍ ହୋଇ ରହିଥିବା ବେଳେ ଆଜି ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। କିଏ ଜିତିବ, କିଏ ହାରିବ ତାହା ସ୍ପଷ୍ଟ ହେବ। ଭୋଟଗଣତିକୁ ନେଇ ପ୍ରଶାସନିକସ୍ତରରେ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ଇଭିଏମକୁ ବଲାଙ୍ଗିର ସରକାରୀ

### ୬୫୧ କର୍ମଚାରୀ ନିୟୋଜିତ

### କେନ୍ଦ୍ର ବାହାରେ ଓ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଆଇଟିଆଇ ରେ କରାଯାଇଥିବା ଷ୍ଟ୍ରଙ୍ଗରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା। ସିଆରପିଏଫ ଓ ପୁଲିସର କଡା ସୁରକ୍ଷା ଭିତରେ ଏହାକୁ ରଖାଯାଇଥିବା ବେଳେ ମଙ୍ଗଳବାର ସକାଳୁ ଏହିଷ୍ଟ୍ରଙ୍ଗରୁମରୁ ଇଭିଏମକୁ ଭୋଟଗଣତି କେନ୍ଦ୍ରକୁ ନିଆଯିବ। ଭୋଟ ଗଣତି ପାଇଁ କରାଯାଇଥିବା କେନ୍ଦ୍ରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ୫ ବିଧାନସଭା ଆସନ ପାଇଁ ତିନୋଟି ସ୍ଥାନରେ ଭୋଟ ଗଣତି କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ବଲାଙ୍ଗିର ଭୋଟଗଣତି କେନ୍ଦ୍ରରେ ଲୋଇସିଂହା ଓ ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯିବ। ସେହିପରି ପାଟଣାଗଡ଼ରେ ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଟିଟିଲାଗଡ଼ଠାରେ ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯିବ। ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୧୪ ଟି ଲେଖାଏଁ ଟେବୁଲର ବ୍ୟବସ୍ଥା କରାଯାଇଛି। ଏହିଭଳି ଭାବେ ସମୁଦାୟ ଇଭିଏମ୍ ଗଣତି ପାଇଁ୧୩୨ଟି ଟେବୁଲର ବ୍ୟବସ୍ଥା କରାଯାଇଥିବାବେଳେ ପୋଷ୍ଟାଲବାଲାଟ ଗଣତି କରିବା ପାଇଁ ୩୩ ଟି ଟେବୁଲର ବ୍ୟବସ୍ଥା ରହିଛି। ଭୋଟଗଣତି ପାଇଁ ସମୁଦାୟ ୬୫୧ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପୋଷ୍ଟାଲ ବାଲାଟ ଗଣତିପାଇଁ ପ୍ରତି ଟେବୁଲରେ ଜଣେ ଲେଖାଏଁ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର, ଜଣେ ମାଇକ୍ରୋ ପର୍ଯ୍ୟବେକ୍ଷକ, ଜଣେ କାଉଣ୍ଟିଂ ସୁପରଭାଇଜର, ଦୁଇ ଜଣ କାଉଣ୍ଟିଂ ସହାୟକ ରହିବେ। ସେହିପରି ଇଭିଏମ୍ ଗଣନା ପାଇଁ ପ୍ରତି ଟେବୁଲରେ ଜଣେ ଲେଖାଏଁ ମାଇକ୍ରୋ ପର୍ଯ୍ୟବେକ୍ଷକ, କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ସହାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବେ। ଏହିଭଳି ଭାବେ ଭୋଟ ଗଣତି ପାଇଁ ୨୦୩ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ, ୨୦୩ ଜଣ କାଉଣ୍ଟିଂ ସୁପରଭାଇଜର ଓ ୧୬୧ କାଉଣ୍ଟିଂ ସହାୟକ ନିୟୋଜିତ ରହିଥିବାବେଳେ ପୋଷ୍ଟଲ ବାଲାଟ ଗଣତି ପାଇଁ ୬୪ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସକାଳ ୭ଟାରୁ ଭୋଟଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି କରାଯିବ ପରେ ଇଭିଏମ୍ ଭୋଟ ଗଣତି ରାଉଣ୍ଡ ଅନୁସାରେ କରାଯିବ ବୋଲି ସୂଚନା ରହିଛି। ଭୋଟଗଣତି କେନ୍ଦ୍ରକୁ ପ୍ରାର୍ଥୀମାନଙ୍କ ଏଜେଣ୍ଟମାନଙ୍କ ସହ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଇଞ୍ଜିନିୟରମାନେ ଉପସ୍ଥିତ ରହିବେ। ଏହା ସହିତ ଭୋଟଗଣତି କେନ୍ଦ୍ରରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମ୍ଭାବ୍ୟ ଗଣ୍ଡଗୋଳକୁ ନଜରରେ ରଖି ଗଣତି କେନ୍ଦ୍ର ବାହାରେ ମଧ୍ୟ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଭୋଟ ଗଣତିକୁ ନେଇ ନେତାଙ୍କ ହୃଦ୍‌ସ୍ପନ୍ଦନ

### ଜିତିଲେ ବିଧାୟକ, ହାରିଲେ ୫ ବର୍ଷ ଅପେକ୍ଷା

**ବଲାଙ୍ଗିର, ୩।୬(ସମିସ):** ବଲାଙ୍ଗିର ଜିଲ୍ଲାରେ ମଙ୍ଗଳବାର ସକାଳୁ ଆରମ୍ଭ ହେବ ଭୋଟ ଗଣତି। ଭୋଟ ଗଣତିକୁ ନେଇ ପ୍ରାର୍ଥୀ ଛାତି ଧଡ଼ଧଡ଼। ନିର୍ବାଚନ ଜିତିଲେ ବିଧାୟକ ଭାବେ ୫ ବର୍ଷ ରହିବେ। ହାରିଲେ ପୁଣି ଆଉ ପାଞ୍ଚବର୍ଷକୁ ଅପେକ୍ଷା କରିବାକୁ ପଡ଼ିବ। ଏମିତିରେ ଆଶା ଆଶଙ୍କାରେ ପ୍ରାର୍ଥୀ ରହିଥିବା ବେଳେ ବିଜୟ ବାନା ଉଡାଇବା ପାଇଁ ତାଙ୍କ ସମର୍ଥକ ମାନେ ମଧ୍ୟ ଆଶାବାଦୀ ରହିଛନ୍ତି।

ବଲାଙ୍ଗିର ଜିଲ୍ଲା ଓ ସୋନପୁର ଜିଲ୍ଲାକୁ ନେଇ ଗଠିତ ବଲାଙ୍ଗିର ଲୋକସଭା ଆସନରେ ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ହୋଇଥିଲା। ସେହିପରି ଜିଲ୍ଲାରେ ଥିବା ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ସମୟରେ ପ୍ରାୟତଃ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ନିଜେ ଜିଲ୍ଲାର କଣ୍ଟାବାଞ୍ଜି ଆସନରୁ ନିର୍ବାଚନ ଲଢୁଥିବା ବେଳେ ବିଜେପି ପ୍ରାର୍ଥୀଙ୍କ ସହ ତାଙ୍କର ଲଢ଼େଇ ହୋଇଛି। ସେହିପରି ବଲାଙ୍ଗିର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଲୋଇସିଂହା ନିର୍ବାଚନମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ହୋଇଥିବା ବେଳେ ଟିଟିଲାଗଡ଼ ଓ ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବି ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ହୋଇଥିବା ଆଲୋଚନା ହେଉଛି। କିଏ କେଉଁ ଆସନରୁ ବାଜି ମାରିବ ତାହା ସ୍ପଷ୍ଟ ଭାବେ କହିବା ମୁସ୍କିଲ ହୋଇପଡ଼ିଛି। ମଙ୍ଗଳବାର ଭୋଟ ଗଣତିପରେ ଏହା ସ୍ପଷ୍ଟ ହେବ। ଲୋକସଭା ଆସନରେ ୧୦ ଜଣ ପ୍ରାର୍ଥୀ ରହିଛନ୍ତି। ବିଜେଡିରୁ ସୁରେନ୍ଦ୍ର ସିଂ ଭୋଇ, ବିଜେପିରୁ ସଙ୍ଗୀତା କୁମାରୀ ସିଂହଦେଓ, କଂଗ୍ରେସରୁ ମନୋଜ ମିଶ୍ର ରହିଥିବାବେଳେ ଅନ୍ୟଦଳ ଓ ସ୍ୱାଧୀନ ପ୍ରାର୍ଥୀମଧ୍ୟ ରହିଛନ୍ତି। ସେହିପରି ବିଧାନସଭା ଆସନରେ ବିଜେଡିରୁ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଟୁକୁନୀ ସାହୁ, କଳିକେଶ ସିଂହଦେଓ, ସରୋଜ ମେହେର, ନିହାର ରଞ୍ଜନ ବେହେରାଙ୍କ ଭଳି ପ୍ରାର୍ଥୀ ରହିଛନ୍ତି। ବିଜେପିରୁ କନକ ବର୍ଦ୍ଧନ ସିଂହଦେଓ, ମୁକେଶ ମହାଲିଙ୍ଗ, ଲକ୍ଷ୍ମଣ ବାଗ, ନବୀନ ଜୈନଙ୍କ ଭଳି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କଂଗ୍ରେସରୁ ସମରେନ୍ଦ୍ର ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, ଅନୀଲ ମେହେର, ବୀରେନ୍ଦ୍ର ବାଗ, ସନ୍ତୋଷ ସିଂ ସାଲୁଜା ମଇଦାନରେ ରହିଛନ୍ତି। ଏହିସବୁ ପ୍ରାର୍ଥୀମାନଙ୍କ ଭାଗ୍ୟ ଓ ଭବିଷ୍ୟତ ମଙ୍ଗଳବାର ନିର୍ଦ୍ଧାରଣ ହେବ।

## ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ବେଲପଡ଼ା, ୩।୬(ସମିସ):** ବେଲପଡ଼ା ଥାନା ମଣ୍ଡଳ-କେନକେବା ରାସ୍ତାର ଲାହାନ୍ତ ନଦୀ ବ୍ରିଜ୍ ନିକଟରୁ ପୁଲିସ ଜଣେ ମହିଳାଙ୍କ ଶବ ଉଦ୍ଧାର କରିଛି। ଉଦ୍ଧାର ମହିଳାଙ୍କ ବୟସ ୪୫ ପାଖାପାଖି ଥିବେବେଳେ ଶବଟି କାହାର କେଉଁଠୁ ଆସିଲା କିଛି ଜଣାପଡ଼ି ନାହିଁ। ସୋମବାର ସକଳେ କିଛିଲୋକ ଶୌଚପାଇଁ ନଦୀ କୂଳକୁ ଯାଇଥିଲେ। ଏହି ସମୟରେ ନଦୀକୂଳରେ ମହିଳାଙ୍କ ଅଧାପୋତା ଶବ ଦେଖିବାକୁ ମିଳିଥିଲା। ଯାହାକୁ ସ୍ଥାନୀୟଲୋକ କାହାକୁ ହତ୍ୟା କରାଯାଇ କାହାକୁ ଏଠାରେ ପୋତା ଯାଇଥିବା ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତପରେ ବେଲପଡ଼ା ତହସିଲଦାର ଜ୍ଞାନରଞ୍ଜନ ମାଝୀ ମାଜିଷ୍ଟ୍ରେଟ୍ ଭାବେ ଏବଂ ସାଇଣ୍ଟିଫିକ ଟିମ୍ ଉପସ୍ଥିତରେ ଶବକୁ ବାହାର କରାଯାଇଥିଲା। ଶବ ବାହାର ବେଳେ ହାତରେ ଭ୍ୟାନ ଫ୍ଲୋ ଲାଗିଥିବାରୁ ଡାକ୍ତରଖାନାରେ ମୃତ୍ୟୁପରେ କେହି ଆଣି ବାଲିରେ ପୋତି ଦେଇଥିବା ପାଟଣାଗଡ଼ ଏସ୍‌ଡିପିଓ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ଯେ ପାଖଆଖଗାଁରେ କାହାରି ମୃତ୍ୟୁ ଘଟିନାହିଁ। ଏମିତି ଅବସ୍ଥାରେ କେହି ବି ଶବ ସତ୍କାର କରନ୍ତି ନାହିଁ। କାହାକୁ ହତ୍ୟାକରି ଏମିତି ରୂପ ଦିଆଯାଉଥିବା ସନ୍ଦେହ କରୁଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ମହିଳାଙ୍କ ଶବ ଚିହ୍ନଟ ହୋଇପାରି ନାହିଁ।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି, ୩।୬(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ଧୂଣ୍ଡିମହୁଲ ଗାଁରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗ୍ରାମର ତପି ପୁଟେଲ ରବିବାର ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା।



ପରିବାର ଲୋକେ ଜାଣିବାପରେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତପିଙ୍କ ମୃତ୍ୟୁ ଘଟିଥିଲା। ବଙ୍ଗୋମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ସ୍ମାର୍ଟମିଟର ଲଗାଣ ବିରୋଧରେ ଗଣଧାରଣା ଓ ଦାବିପତ୍ର




**ବଲାଙ୍ଗିର, ୩।୬(ସମିସ):** ଟାଟା ପାୱାର ଲଗାଉଥିବା ସ୍ମାଟ ମିଟରକୁ ବିରୋଧ କରି ବଲାଙ୍ଗିର ନାଗରିକ କମିଟି ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନରେ ଗଣଧାରଣା ଦିଆଯାଇଥିଲା। ନାଗରିକ କମିଟି ସାଧାରଣ ସମ୍ପାଦକ ମଧୁସୁଦନ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଏହି ଧାରଣା ଦେବା ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସଭାପତି ଡ. ଶ୍ରୀକର ମିଶ୍ର ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ରଖିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦିଆଯାଉଥିବା ଦାବିପତ୍ର ରେ ଉଲ୍ଲିଖିତ ତିନୋଟି ବିଷୟ ଉପରେ ଡ. ମିଶ୍ର ବିଶେଷ ଗୁରୁତ୍ୱ ଆରୋପ କରିଥିଲେ। ପରେ ବିଦ୍ୟୁତ ବିଭାଗର ପରିଚାଳନାଗତ ତ୍ରୁଟି ଓ ଦୁର୍ବଳ ସେବା ପ୍ରଦାନ ସମ୍ପର୍କରେ ନାଗରିକ କମିଟିର ସଦସ୍ୟମାନେ ନିଜସ୍ୱ ମତ ପୋଷଣ କରିଥିଲେ। ପ୍ରଥମ ଦାବି ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯାଇ ଲୋ ଭୋଲଟେଜ୍ ଓ ପାୱାର କଟ୍ ବନ୍ଦ ହେଉ। ଦ୍ୱିତୀୟରେ ବିଦ୍ୟୁତ ତାର ଦ୍ୱାହି ଦେଇ ଅନାବଶ୍ୟକ ବୃକ୍ଷ କାଟ୍ ବନ୍ଦ କରାଯାଉ। ତୃତୀୟରେ ସ୍ମାର୍ଟ ମିଟର ଶୋଷଣର ପ୍ରତୀକ ହୋଇଥିବାରୁ ତାହାକୁ ଲଗାଇବା ବନ୍ଦ କରାଯାଉ। ଏହି କାର୍ଯ୍ୟକ୍ରମରେ ଗୌରଚନ୍ଦ୍ର ପୁରୋହିତ, ଶରତଚନ୍ଦ୍ର ମହାକୁର, ବିରଞ୍ଚି ବହିଦାର, ଗୋପବନ୍ଧୁ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଲ, ଋତୁରାଜ ସିଂ, ଡ. ପ୍ରମୋଦ କୁମାର ମିଶ୍ର, ଆଇନଜୀବୀ ଅଶୋକ କୁମାର ମିଶ୍ରଙ୍କ ସମେତ ଶହ ସଂଖ୍ୟାରେ ସଭ୍ୟ ଅଂଶଗ୍ରହଣ କରିଥିଲେ।

## ଆଜି ଫଳାଫଳ

## କର୍ମୀ ଉତ୍ସାହିତ; ନେତାଙ୍କ ଛାତି ଧଡ଼ଧଡ଼

**ବିନିକା, ୩।୬(ସମିସ):** ମଙ୍ଗଳବାର ସବୁ କଳ୍ପନା ଜଳ୍ପନାର ଅବସାନ ଘଟିବ। ମତଦାତା କାହା ଉପରେ ବିଶ୍ୱାସ କରି ମୋହର ମାରିଛନ୍ତି ତାହା ସ୍ପଷ୍ଟ ହୋଇଯିବ। ସକାଳ ୮ରୁ ଭୋଟ ଗଣତି ଆରମ୍ଭ ହେବ। ମେ ୨୦ ତାରିଖ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ବଲାଙ୍ଗୀର ଲୋକସଭା ଆସନ ପାଇଁ ମତଦାନ ହୋଇଥିଲା। ସେହିଦିନଠାରୁ କର୍ମୀଙ୍କଠୁଁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଅଙ୍କ କଷିବାରେ ଲାଗିଛନ୍ତି। କେତେ ଭୋଟରେ ପ୍ରତିଦ୍ୱନ୍ଦ୍ୱୀ ମାତ ଖାଇବେ ସେ ନେଇ ସବୁ ପ୍ରାର୍ଥୀ ହିସାବ କିତାବ କରୁଛନ୍ତି। କେତେକ ବୁଥ୍‌ରେ ମତଦାନକୁ ନେଇ ଦ୍ୱନ୍ଦ୍ୱ ଓ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଥିଲେ ହେଁ କେଉଁ ଦଳର ପ୍ରାର୍ଥୀଙ୍କୁ କେଉଁଠୁ କେତେ ଭୋଟ ମିଳିବ, କେତେ ଭୋଟରେ ପ୍ରାର୍ଥୀ ବିଜୟୀ ହେବେ, ବିରୋଧୀଙ୍କ ଭିତରେ କିଏ ପ୍ରଥମ ହେବ, ସ୍ୱାଧୀନ ପ୍ରାର୍ଥୀଙ୍କ ସ୍ଥାନ କେଉଁ ନମ୍ବରରେ ରହିବ ଏପରି ନାନା ପ୍ରଶ୍ନକୁ ନେଇ ସାଧାରଣ ଲୋକଙ୍କ ଭିତରେ ଜୋରଦାର ଆଲୋଚନା ଜାରି ରହିଛି। ଚା ଖଟିଠାରୁ ଆରମ୍ଭ କରି ପାନ ଦୋକାନ, କ୍ଲବ ଘର, ବିଭିନ୍ନ ଛକ ଏପରିକି ବିଭିନ୍ନ ସ୍ଥାନରେ ଲୋକ ଚଳିତ ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଚର୍ଚ୍ଚା କରୁଥିଲେ। ଚର୍ଚ୍ଚା ଏପରି ହେଉଥିଲା ଯେ ନିଜ ନିଜ ଜିତିବା ନେଇ ଯୁକ୍ତିତର୍କ ମଧ୍ୟ ଚାଲିଥିଲା। ତେବେ ସେ ସବୁର ଅବସାନ ଘଟିବାକୁ ଯାଉଛି। ଭୋଟ ଗଣତି ନେଇ ବିଭିନ୍ନ ଦଳର କର୍ମୀ ଗଦ ଗଦ ହେଉଥିବା ବେଳେ ତାଙ୍କ ଦଳର ନେତା ଅର୍ଥାତ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ଛାତି ଧଡ଼ ଧଡ଼ ହେଉଥିବା ପରିଲକ୍ଷିତ ହେଉଛି।



ବଲାଙ୍ଗିର-ବରଗଡ଼ ଜାତୀୟ ରାଜପଥର ଶୋଭା ବଢାଉଛି କୃଷ୍ଣଚୂଡା

## ଭୋଟ ଗଣତି ପାଇଁ ୧୪୪ ଧାରା ଜାରି

**ସୋନପୁର, ୩।୬ (ସମିସ):** ଭୋଟ ଗଣତି ଲାଗି ଶାନ୍ତି ଶୃଙ୍ଖଳା ରକ୍ଷା ସହ ବିନା ଦ୍ୱନ୍ଦ୍ୱରେ ଗଣତି କାର୍ଯ୍ୟ ସମ୍ପାଦନ ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ମଙ୍ଗଳବାର ସକାଳ ୬ରୁ ପରଦିନ ସକାଳ ୬ଟା ଯାଏଁ ସାରା ଜିଲ୍ଲାରେ ଜିଲ୍ଲାପାଳ ଅନ୍ୟା ଦାସ ୧୪୪ ଧାରା ଜାରି କରିଛନ୍ତି। ସର୍ବସାଧାରଣ ସ୍ଥାନରେ ୫ କିମ୍ବା ଅଧିକ ବ୍ୟକ୍ତି ଠୁଳ ହେବା ଉପରେ ବାରଣ କରାଯାଇଛି। ମାଇକ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ସୋନପୁର ଏବଂ ବୀରମହାରାଜପୁର କଲେଜ ଭୋଟ ଗଣତି କେନ୍ଦ୍ରର ୨୦୦ ମିଟର ପରିଧି ମଧ୍ୟରେ ନୋ ପାର୍କିଂ ଜୋନ ଘୋଷଣା କରାଯାଇଛି।

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା



**ଦେଓଗାଁ, ୩।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ପଞ୍ଚାୟତ ସମିତି ହାଇସ୍କୁଲ ଠାରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶିଶୁମନ୍ଦିର ଓ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୁଇଟି ବିଦ୍ୟାଳୟର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଦେଓଗାଁ ବନାଞ୍ଚଳ ବିଭାଗର ଫରେଷ୍ଟର ଜନ୍ମୟ ପାଣିଗ୍ରାହୀ, ଫରେଷ୍ଟ ଗାର୍ଡ ସୁକାନ୍ତି ସରାଫ, ଡିଟି ନରେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ତିନୋଟି ବିଭାଗରୁ ଦୁଇ ଜଣ ପ୍ରତିଯୋଗିଙ୍କୁ ମନୋନୀତ କରି ଜିଲ୍ଲାସ୍ତରକୁ ପଠାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।







### ହୋଟେଲରେ କନଷ୍ଟେବଲ ହତ୍ୟା ମାମଲା

# ତିନି ସପ୍ତାହ ବିତିବାକୁ ବସିଲାଣି, ଧରାପଡ଼ିନି ଅଭିଯୁକ୍ତ

ବଲାଙ୍ଗିର, ୩।୬(ସମିସ)

ବଲାଙ୍ଗିର ସହରର ବହୁ ଚର୍ଚ୍ଚିତ ପୁଲିସ କନଷ୍ଟେବଲ ଶଙ୍କରଭାନୁ ବେହେରା ହତ୍ୟା ମାମଲାକୁ ତିନି ସପ୍ତାହ ହେବାକୁ ବସିଥିବା ବେଳେ ଆଜିଯାଏଁ ହତ୍ୟାକାରୀକୁ ଧରିବାରେ ବିଫଳ ହୋଇଛି ପୁଲିସ। ହତ୍ୟା ପଛରେ ଗଞ୍ଜେଇ କାରବାର ରହିଛି ନା ଆଉ କିଛି ବେଆଇନ କାରବାର ରହିଛି ତାହା ମଧ୍ୟ ପୁଲିସ ସ୍ପଷ୍ଟ କରିନାହିଁ। ଏତେ ଦିନର ତଦନ୍ତ ଭିତରେ ହତ୍ୟାକାରୀକୁ ପୁଲିସ ଖୋଜୁଥିବାବେଳେ ହତ୍ୟାପରେ ଅଭିଯୁକ୍ତଙ୍କୁ ଖୋଜିବାରେ ନାକେଦମ ହୋଇସାରିଲାଣି ପୁଲିସ। ତେବେ ପୁଲିସ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ଲାଗିଥିବା ବେଳେ ହତ୍ୟା କରିଥିବା ଅଭିଯୁକ୍ତମାନେ ରାଜ୍ୟ ବାହାରର ବୋଲି ପୁଲିସ ସୁରାକ୍ ପାଇଥିବା ଜଣାପଡ଼ିଛି।

ଗତ ମେ' ୧୭ ତାରିଖରେ ସୋନପୁର ଜିଲ୍ଲାରେ ପୁଲିସ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିବା ଶଙ୍କରଭାନୁ ବେହେରାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ବଲାଙ୍ଗିର ସହରରେ ଏକ ହୋଟେଲରୁ ଉଦ୍ଧାର ହୋଇଥିଲା। ପ୍ରାଥମିକ ତଦନ୍ତ ପରେ ଶଙ୍କରଭାନୁ ପୁଲିସ ଚାକିରି କରି ମଧ୍ୟ ବେଆଇନ ଗଞ୍ଜେଇ କାରବାର କରୁଥିବା ଜଣାପଡ଼ିଥିଲା। ଏପରିକି ମୃତଦେହ ମିଳିଥିବା ରୁମ୍‌କୁ ଦୁଇଜଣ ପ୍ରଥମେ ପ୍ରବେଶ କରିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ

### ପୁଲିସ ହାତରେ ଗୁରୁତ୍ୱପୂର୍ଣ୍ଣ ସୁରାକ୍

### ରାଜ୍ୟ ବାହାରେ ହତ୍ୟା ଅଭିଯୁକ୍ତ

କିଛି ଯୁବକ ଯାଇଥିଲେ। ସେଠାରେ କୌଣସି ଏକ ବେଆଇନ କାରବାରକୁ ନେଇ ହୋଇଥିବା ଗଣ୍ଡଗୋଳ ପରେ ତାଙ୍କୁ ହତ୍ୟା କରି ଅଭିଯୁକ୍ତ ମାନେ ତାଙ୍କ କାର୍ ଧରି ଫେରାର ମାରିଥିଲେ। ରାସ୍ତାରେ ଦୁର୍ଘଟଣା ହେବା ପରେ ଦୁର୍ଘଟଣାଗ୍ରସ୍ତ କାର ଛାଡି ଫେରାର ମାରିଥିଲେ। ଏହି ଘଟଣାକୁ ତିନି ସପ୍ତାହ ବିତିବାକୁ ବସିଲାଣି କିନ୍ତୁ ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ପୁଲିସ ଫେଲ୍



ମାରିଛି। ତଦନ୍ତ ନାମରେ ପୁଲିସ ଦିନ ଗଡ଼ାଇଚାଲିଥିବା ବେଳେ କେବେ ଏହି ଅଭିଯୁକ୍ତ ଧରାପଡ଼ିବେ ତାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଏହିଭଳି ଭାବେ ହତ୍ୟାକରିବା ପଛର କାରଣ କ'ଣ! କେବଳ ଗଞ୍ଜେଇ କାରବାର ନା ହତ୍ୟା ଅଭିଯୁକ୍ତମାନଙ୍କ ସହ ଆଉ କିଛି ଶତ୍ରୁତା ରହିଥିଲା ତାହା ମଧ୍ୟ ପୁଲିସ ସ୍ପଷ୍ଟ କରିପାରି ନାହିଁ। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ ଆଉ କିଛି ଦିନପରେ ସମସ୍ତ ଅଭିଯୁକ୍ତ ଗିରଫ ହେବେବୋଲି କହିଛନ୍ତି ଟାଉନ ଥାନା ଅଧିକାରୀ। ସେମାନଙ୍କୁ ଠାବ କରିବା ପାଇଁ ପୁଲିସ ମୃତ ଶଙ୍କରଭାନୁଙ୍କ ଫୋନଡାଟା, ସିସିଟିଭି ଫୁଟେଜ ସହ ଅନ୍ୟ ବୈଷୟିକ ସୁରାକକୁ ଭିତ୍ତିକରି ତଦନ୍ତ ଚଲାଇଥିବା ଜଣାପଡ଼ିଛି। ହତ୍ୟା କରିଥିବା ଅଭିଯୁକ୍ତ ମାନେ ରାଜ୍ୟ ବାହାରର ବୋଲି ମଧ୍ୟ ପୁଲିସ ସୁରାକ୍ ପାଇଥିବା ଜଣାପଡ଼ିଛି। ଏପରିକି ପୁଲିସ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ଲାଗିଥିବାରୁ କିଛି ଦିନ ଭିତରେ ଏହି ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

**ସାଇକଲରେ ଖଡ଼ିଆଳରୁ ଉତ୍ତରାଖଣ୍ଡ**

# ପାଣିପାଗ ଓ ବିଶ୍ୱଶାନ୍ତି ଉପରେ କରୁଛନ୍ତି ସଚେତନ

**ନୂଆପଡ଼ା, ୩।୬(ସମିସ):** ବର୍ତ୍ତମାନ ଦିନକୁ ଦିନ ପୃଥିବୀର ତାପମାତ୍ରା ବଢ଼ି ବଢ଼ି ଚାଲିଛି। ଏହା ପରିବେଶବିତମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଅନ୍ୟ ପକ୍ଷେ ବିଭିନ୍ନ କାରଣରୁ ବିଶ୍ୱଶାନ୍ତି ବ୍ୟାହତ ହେଉଛି। ଏହା ଉପରେ ଏକ ସଚେତନତା ଆଣିବାକୁ ସାଇକଲରେ ନୂଆପଡ଼ାରୁ ଉତ୍ତରାଖଣ୍ଡର କେଦାରନାଥ ଯାତ୍ରା କରୁଛନ୍ତି। ଏ ଦୁଇ ଛାତ୍ର ହେଲେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତର କାଳିମାଟି ଗ୍ରାମର ସୁନିଲ ହଂସ (କୋମନା ପଞ୍ଚାୟତ ସମିତି କଲେଜର ଯୁକ୍ତ ତିନି ଶେଷ ବର୍ଷ ଛାତ୍ର) ଓ ଅଗ୍ରେନ ଗ୍ରାମର କିଶନ୍ ନାଗ (ନୂଆପଡ଼ା କଲେଜର ଯୁକ୍ତ ଦୁଇ ଛାତ୍ର)।



ଖଡ଼ିଆଳ ବ୍ଲକ ତିଖାଲିସ୍ଥିତ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ଉଭୟ ଯାତ୍ରାରେ ବାହାରିଛନ୍ତି। ସେମାନେ ସମ୍ବଲପୁର ସମଲେଇ ମନ୍ଦିର ପହଞ୍ଚି ମାଆ ସମଲେଇଙ୍କ ଆଶୀର୍ବାଦ ନେଇଥିଲେ। ପରେ ପୁରୀରେ ଜଗନ୍ନାଥଙ୍କ ଦର୍ଶନ କରି ବାଲେଶ୍ୱର ଓ ପରେ ବାରିପଦା ଦେଇ ପଶ୍ଚିମବଙ୍ଗ ଯାଇଥିଲେ। ତେବେ ଖଡ଼ିଆଳରୁ ଉତ୍ତରାଖଣ୍ଡର କେଦାରନାଥ ୩ ହଜାର କିଲୋମିଟର। ଆଜି ପର୍ଯ୍ୟନ୍ତ ସେମାନେ ୧୪୦୦ କିଲୋମିଟର ଅତିକ୍ରମ କଲେଣି। ଓଡ଼ିଶା, ପଶ୍ଚିମ ବଙ୍ଗ, ଝାଡ଼ଖଣ୍ଡ ପରେ ମଙ୍ଗଳବାର ଉଭୟ ବିହାରରେ ପହଞ୍ଚିଛନ୍ତି। ପ୍ରତ୍ୟେକ ଦିନ ସେମାନେ ମନ୍ଦିର ଅଥବା ପେଟ୍ରୋଲ ପମ୍ପରେ ଆଶ୍ରୟ ନେଇଛନ୍ତି। ଉଭୟ ଘରୁ ଖାଲି ହାତରେ ବାହାରିଥିଲେ। ସବୁଠାରେ ଲୋକେ ତାଙ୍କୁ ଖାଇବା ପିଇବା ଦେବା ସହ ଆର୍ଥିକ ସହଯୋଗ କରୁଛନ୍ତି। ଉତ୍ତରାଖଣ୍ଡ ପହଞ୍ଚିବା ପାଇଁ ଆଉ ୧୦ ଦିନ ଲାଗିବ ଓ ସେଠାରୁ ରାୟପୁର ଦେଇ ପୁଣିଥରେ ଘର ଫେରିବେ। ତାପମାତ୍ରା ଦେଖି ଦିନରେ ୫୦ କିଲୋମିଟର ଓ ସନ୍ଧ୍ୟାରେ ୫୦ କିଲୋମିଟର ଯାତ୍ରା କରୁଛନ୍ତି। ବିଶ୍ୱଶାନ୍ତି ପାଇଁ ଲୋକଙ୍କୁ ସଚେତନ କରିବା ଓ ବିଭିନ୍ନ ସ୍ଥାନର ପାଣିପାଗ, ଜଳବାୟୁ ଉପରେ ଜାଣିବା ସେମାନଙ୍କ ଲକ୍ଷ୍ୟ ବୋଲି ସେମାନେ କହନ୍ତି। ସମ୍ପୂର୍ଣ୍ଣ ଯାତ୍ରା ପାଇଁ ୩ ମାସ ସମୟ ନିର୍ଘଣ୍ଟ କରିଥିବା ବେଳେ ୨ ମାସରେ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା ରଖିଛନ୍ତି ଦୁଇ ଜଣ। ସେମାନଙ୍କର ଯାତ୍ରା କେତେଦୂର ସଫଳ ରହୁଛି ସେ ସମ୍ପର୍କରେ ସେମାନେ ସବୁଦିନ ନିଜର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛନ୍ତି।

# ଆଜି କଳାହାଣ୍ଡି ଜିଲ୍ଲାର ୬୧ ପ୍ରାର୍ଥୀଙ୍କ ଭାଗ୍ୟଫଳ

**ଭବାନୀପାଟଣା, ୩।୬(ସମିସ)**



**● ମତଦାନ କରିଛନ୍ତି ୯୪୫୦୬୭ ଭୋଟର**
**● ଭୋଟ ଗଣତି ପାଇଁ ପ୍ରଶାସନ ପ୍ରସ୍ତୁତି ଶେଷ**

କଳାହାଣ୍ଡି ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ମେ' ୧୩ ତାରିଖରେ ଶାନ୍ତିଶୃଙ୍ଖଳାର ସହିତ ମତଦାନ ଶେଷ ହୋଇଥିଲା। ୯୪୫୦୬୭ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିଥିଲେ। କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା ଆସନ ଓ ଲୋକସଭା ପ୍ରାର୍ଥୀ ଥିବା ୬୧ ଜଣଙ୍କ ଭାଗ୍ୟ ନିର୍ଣ୍ଣୟ ହେବ। ନିର୍ବାଚନ ମୈଦାନରେ ଭାଗ୍ୟ ପରୀକ୍ଷା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଜିଲ୍ଲାର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ବିଧାୟକ ପ୍ରଦୀପ ଦିଶାରୀ, ବରିଷ୍ଠ ବିଜେଡି ନେତ୍ରୀ ଲଳିତା ନାଏକ, ଯୁବ ନେତା ସାଗର ଦାସ ଅଛନ୍ତି। ତେବେ ସମସ୍ତଙ୍କ ନଜର କଂଗ୍ରେସର ବରିଷ୍ଠ ନେତା ଭକ୍ତ ଦାସଙ୍କ ଉପରେ। ସେ ନର୍ଲା ବିଧାନସଭା ଆସନରୁ ଏଥର ସେ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ରାଜନୈତିକ ଜୀବନ କେଉଁ ସ୍ଥିତିରେ ପହଞ୍ଚିବ ଆସନ୍ତାକାଲି ନିର୍ଣ୍ଣୟ ହେବ। ତେବେ କଳାହାଣ୍ଡି ଲୋକସଭା ଆସନ ପାଇଁ ୩ ନୂଆ ଚେହେରା ଭାବେ ବିଜେଡିର ଲମ୍ବୋଦର ନିଆଲ, ବିଜେପିର ମାଳବିକା କେଶରୀ ଦେଓ ଏବଂ କଂଗ୍ରେସର ଦ୍ରୌପଦୀ ମାଝୀଙ୍କ ମଧ୍ୟରୁ କିଏ ବାଜିମାତ କରିବ ତାହା ନିର୍ବାଚନ ଫଳାଫଳ କହିବ। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଭୋଟ ଗଣତି ନେଇ ସମସ୍ତ ବ୍ୟବସ୍ଥା ଉପରେ ଧ୍ୟାନଦେଇ ପରିଚାଳନା କରୁଛନ୍ତି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଭିତରେ ଭୋଟ ଗଣତି କାର୍ଯ୍ୟ ଚାଲିବ। ପୂର୍ବରୁ କାଉଣ୍ଟିଙ୍ଗ ଷ୍ଟାଫଙ୍କୁ ତାଲିମ ଦିଆସରିଛି। ଭବାନୀପାଟଣା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଭବାନୀପାଟଣା, ନର୍ଲା ଓ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଏବଂ ଧର୍ମଗଡ଼ ପଞ୍ଚାୟତ ଡିଗ୍ରୀ କଲେଜଠାରେ ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ମଣ୍ଡଳୀ ସହିତ ଲୋକସଭା ଭୋଟ ଗଣତି ହେବ। ଏଥିପାଇଁ ଆଜି କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଏବଂ ଏସ୍‌ପି ଅଭିଲାଷ ଜୀ ଉଭୟ ସ୍ଥାନର ଭୋଟଗଣତି ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ସୁରକ୍ଷା ପାଇଁ ଓଡ଼ିଶା ପୁଲିସ୍ ସମେତ ଆଇଆର୍‌ବିଏନ୍ ଓ ସିଆର୍‌ପିଏଫ୍ ଉଭୟ ସ୍ଥାନରେ ୪ ପ୍ଲାଟୁନ ଲେଖାଏଁ ଫୋର୍ସ ରହିବେ। ସକାଳ ୮ଟାରୁ ପୁରା ସୁରକ୍ଷିତ ଏବଂ ବ୍ୟବସ୍ଥିତ ଢଙ୍ଗରେ ଭୋଟଗଣତି ହେବ ବୋଲି କଳାହାଣ୍ଡି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବିଧାନସଭା ଆସନ କ୍ଷେତ୍ରରେ ଜୁନାଗଡ଼ ବ୍ୟତୀତ ଅନ୍ୟ ଆସନ ପାଇଁ ୧୪ଟି ଟେବୁଲ ଓ ଲୋକସଭା ଆସନ ଲାଗି ୧୪ଟି ଟେବୁଲ ବ୍ୟବସ୍ଥା ହୋଇଛି। କିନ୍ତୁ ଜୁନାଗଡ଼ ପାଇଁ ୧୨ଟି ଟେବୁଲ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଲାଗି ପୋଷ୍ଟାଲ ବାଲାଟ କାଉଣ୍ଟିଂ କ୍ଷେତ୍ରରେ ଚାରିଟି ଟେବୁଲ ରହିଛି। ଅନ୍ୟ ପକ୍ଷରେ ଲୋକସଭା ପୋଷ୍ଟାଲ ବାଲାଟ କାଉଣ୍ଟିଂ ପାଇଁ ୨୮ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ତେବେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶମତେ ସବୁ ଭୋଟ ଗଣତି କେନ୍ଦ୍ରରେ ଏୟାର କଣ୍ଡିସନର୍ ସୁବିଧା ଯୋଗାଇ ଦିଆଯାଇଛି। ଭୋଟ ଗଣତିକୁ ନେଇ ରାଜନୈତିକ ନେତାଙ୍କ ମନରେ ଯେତିକି ଉତ୍ସୁକତା ଭରି ରହିଛି ସେତିକି ଆତଙ୍କିତ ଅବସ୍ଥାରେ ଥିବା ଲକ୍ଷ୍ୟ କରାଯାଇଛି।

# ଶିବ ବିବାହ ପାଇଁ ପ୍ରସ୍ତୁତି ଜୋର୍‌ସୋର

**କେସିଙ୍ଗା, ୩।୬(ସମିସ):** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ତୃତୀୟଥର ପାଇଁ କେସିଙ୍ଗା ୱାର୍ଡ ନଂ ୧୦ରେ ଆସନ୍ତା ୧୦ ତାରିଖରୁ ଶୀତଳ ଷଷ୍ଠୀ ପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଗତ ୧୯ ତାରିଖରେ ସ୍ଥାନୀୟ ବୁଢ଼ାରଜା ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ କର୍ମ କର୍ତ୍ତା ନିର୍ବାଚନ ସହିତ ଶୀତଳ ଷଷ୍ଠୀର ରୂପରେଖ ପ୍ରସ୍ତୁତି କରାଯାଇଥିଲା। ଚଳିତ ବର୍ଷ ସାନ ସରାଫ ସଭାପତି, ସାମ୍ବାଦିକ ତେଜରାଜ୍ ସାହୁ ଉପ ସଭାପତି, ଅନିଲ କୁମାର ସମ୍ପାଦକ ଏବଂ ଅଜୟ ବରଡ଼ି ଓ ମନୋଜ ସରାଫଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। କନ୍ୟା ମାତା ପିତା ଭାବରେ ୧୦ ନଂ ୱାର୍ଡର ଯଶୋବନ୍ତୀ ଦୋରା ଓ କୃଷ୍ଣଚନ୍ଦ୍ର ଦୋରା ତଥା ବର ମାତା ପିତା ଭାବରେ ଗୋଲାପି ବାଗ ଓ ଯୁବରାଜ ବାଗ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ ଅନୁସାରେ ୧୦ ତାରିଖ ସୋମବାର ଅପରାହ୍ନ ୩ଟାରେ ଭଗବାନ ମହାଦେବଙ୍କ ବରାନୁଗମ ଓ ରାତ୍ର ୮ରୁ ୯ଟା ମଧ୍ୟରେ ଶିବ ପାର୍ବତୀ ବିବାହ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ପ୍ରକାଶ କରିଛନ୍ତି।

**● ବିଜେ ଶ୍ରୀ ରାମେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା**

# ବିବାହ ପାଇଁ ସଂକଳ୍ପ ଓ ଶୁଭ ଥାଳ ଉଠିଲା



**ମ.ରାମପୁର, ୩।୬(ସମିସ):** ଆଗକୁ ଆସୁଛି ଦେବ ଦମ୍ପତିଙ୍କ ବିବାହ ଉତ୍ସବ। ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବିଜେ ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିରରେ ସୋମବାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ସଂକଳ୍ପ ଓ ଶୁଭ ଥାଳ ଉଠିଛି। ଏଥର ଜଗତଜନନୀ ମାତା ପାର୍ବତୀଙ୍କ ପିତା ମାତା ଦାୟିତ୍ୱ ସପତ୍ନୀକ ଶିଳ୍ପପତି ପ୍ରଶାନ୍ତ ସାମନ୍ତରା ଓ ସଂଯୁକ୍ତା ସାମନ୍ତରା ଦାୟିତ୍ୱ ନିର୍ବାହ କରିବେ। ସେହିପରି ପ୍ରଭୁ ଶ୍ରୀ ଶ୍ରୀ ବିଜେ ରାମେଶ୍ୱରଙ୍କ ପିତା ମାତା ଦାୟିତ୍ୱ ସପତ୍ନୀକ ବିଶିଷ୍ଟ ବ୍ୟବସାୟୀ ଭାରତ ଭୂଷଣ ଜୈନ ଓ ପୁନମ ଜୈନ ଦାୟିତ୍ୱ ତୁଲାଇବେ। ଉଭୟେ ଆଜି ଶୁଭ ଥାଳ ଗ୍ରହଣ କରିଛନ୍ତି। ପୂଜାର୍ଚ୍ଚନା କାର୍ଯ୍ୟ ପିତାମ୍ବର ତ୍ରିପାଠୀ, ଅମରେଶ ଶତପଥୀ ସମାପନ କରିଥିଲେ। ଶ୍ରୀ ଶ୍ରୀ ବିଜେ ରାମେଶ୍ୱର ମନ୍ଦିର କମିଟିର ସଭାପତି ଚିତ୍ତ ରଞ୍ଜନ ବାଗ, ଉପସଭାପତି ଯୁଗଳ କିଶୋର ପ୍ରହରାଜ, ସମ୍ପାଦକ ଶିବ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଉଦ୍ଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଅସନ୍ତା ଜୁନ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଦେବ ଦମ୍ପତିଙ୍କ ବିବାହ ଉତ୍ସବ ମହା ସମାରୋହରେ ପାଳିତ ହେବ ବୋଲି ସମ୍ପାଦକ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ୧୦ ତାରିଖରେ ଏକ ବିରାଟ ଶୋଭାଯାତ୍ରା ଶିବ ମନ୍ଦିରରୁ ବାହାରି ନଗର ପରିକ୍ରମା କରି କନ୍ୟାପିତା ବିବାହ ସ୍ଥଳୀ ଗୌଡ଼ ପଡ଼ା ଶ୍ରୀ ରାଧାକୃଷ୍ଣ ମନ୍ଦିରକୁ ଯାଇ ସେଠାରେ ବୈଦିକ ରୀତି ରେ ଦେବ ଦମ୍ପତ୍ତିଙ୍କ ବିବାହ ସମ୍ପନ୍ନ ହେବ। ୧୧ ତାରିଖ ସନ୍ଧ୍ୟାରେ ଏକ ବିଶାଳ ଶୋଭାଯାତ୍ରାରେ ଦେବ ଦମ୍ପତି ନଗର ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

# ୨୯ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଚୋରି

**ଥୁଆମୂଳ ରାମପୁର, ୩।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ସଦର ମହକୁମାର ଇଣ୍ଡେନ ଗ୍ୟାସ ଏଜେନ୍ସି କାର୍ଯ୍ୟାଳୟ ସମ୍ମୁଖରୁ ୨୯ ଗୋଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଛି। ଏନେଇ ମାଁ ମାଣିକେଶ୍ୱରୀ ଦୁର୍ଗମ କ୍ଷତ୍ରୀୟ ଏଜେନ୍ସି ମୁଖ୍ୟ ରୀନା ପରିଛା ଥୁଆମୂଳ ରାମପୁର ଥାନାରେ

**● ଏଜେନ୍ସି ପକ୍ଷରୁ ଥାନାରେ ଅଭିଯୋଗ**



ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଏଜେନ୍ସି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ି୦୮ଏସ୍-୭୬୮୯ ଟାଟା ଗାଡ଼ିରେ ୩୬ଟି ଖାଲି ସିଲିଣ୍ଡର ବୋଝେଇ ହୋଇଥିଲା। ରବିବାର ବିଳମ୍ବିତ ରାତିରେ ତନ୍ମଧ୍ୟରୁ ୨୯ଟି ସିଲିଣ୍ଡରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏପରିକି ଉକ୍ତ ଗାଡିର ପଛ ନମ୍ବର ପ୍ଲେଟ ଭାଙ୍ଗି ନେଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ମଇ ୧୭ ତାରିଖ ବିଳମ୍ବିତ ରାତିରେ ଉକ୍ତ ଗ୍ୟାସ ଏଜେନ୍ସି ମାଲିକଙ୍କ ସ୍ୱାମୀ କୈଳାସ ପରିଛାଙ୍କ ନାମରେ ଥିବା ବିନା ନମ୍ବରର ଏକ ନୂତନ ଟ୍ରାକ୍ଟର ଏବଂ ଟ୍ରଲି ମଧ୍ୟ ଚୋରି ହୋଇଥିଲା। ଏ ସମ୍ପର୍କରେ ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ଗୋଟିଏ ସ୍ଥାନରୁ ଏଭଳି ଚୋରି ଘଟଣା ଘଟୁଥିବା ବେଳେ ପୁଲିସ ଚୋର କି ଚୋରି ଜିନିଷର ପତ୍ତା ପାଉ ନ ଥିବା ଚକିତ କରିଛି। ଟ୍ରାକ୍ଟର ଚୋରର ଘଟଣାକୁ ପ୍ରାୟ ୧୭ ଦିନ ବିତି ଯାଇଥିଲେ ସୁଦ୍ଧା ଚୋରି ଟ୍ରାକ୍ଟରର ସନ୍ଧାନ ପୁଲିସ ପାଇନି।

# ବିଏସ୍‌ପିର କର୍ମୀ ସମ୍ମିଳନୀ

**କୋକସରା, ୩।୬(ସମିସ):** ଜୟପାଟଣା ବ୍ଲକ ଅଁଳାଭଟା ଗ୍ରାମ ପଞ୍ଚାୟତର ଦାବ୍ରିଘାଟିଠାରେ କଳାହାଣ୍ଡି ବହୁଜନ ସମାଜ ପାର୍ଟି (ବିଏସପି)ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଦନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବହୁଜନ ସମାଜ ପାର୍ଟି ବିଧାୟକ ପ୍ରାର୍ଥୀ ମୋହନ ସିଂ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ଲୋକେ କିପରି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମୀ ସମ୍ମିଳନୀର ପଟାକସମି, ଦାବ୍ରିଘାଟି, ପୁରୁଣା କରାଘାଟି, ନୂଆ କରାଘାଟି, କର୍ଲାକୋଟ, ଅଡ଼ାରପଡ଼ା ଓ ତେଣ୍ଡକାଟୁଆଁ ଆଦି ଗ୍ରାମରେ ରାସ୍ତା, ପିଇବା ପାଣି, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ ସମସ୍ୟା ଗୁଡ଼ିକୁ ସ୍ଥାନୀୟ ଲୋକେ ମଞ୍ଚ ଉପରେ ଉପସ୍ଥାପନ କରିଥିଲେ। ମଞ୍ଚକୁ ବହୁଜନ ସମାଜ ପାର୍ଟିର ସଦସ୍ୟ ପ୍ରଧାନୀ ବାଗ ସଂଯୋଜନା କରିଥିଲେ। ସଦସ୍ୟ ଦିଶାନ୍ତ ବେଶ୍ରା, ବିଜୟ ଛତ୍ରିଆ, ଭୀମସେନ ଜାଲଙ୍କ ସମେତ ଗ୍ରାମବାସୀ ରତ୍ନି ମାଝୀ, କମଳା ମାଝୀ, ଆଶାଇ ମାଝୀ, ମଞ୍ଜୁଳା ମାଝୀ, ହସେଇ ପାତ୍ର, ହାରାବତି ମାଝୀ, ନୀଳାବତି ମାଝୀ, ସୁନାମନି ମାଝୀ, ଧନମତି ମାଝୀ, ରଘୁନାଥ ମାଝୀ, ଚନ୍ଦ୍ର ଶେଖର ମାଝୀ, ତ୍ରିନାଥ ଶଗଡ଼ିଆ, ମୋତିସିଂ ନିଆଲ୍, ମାଧବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**● ଅଭିଯୁକ୍ତ ଫେରାର ଘଟଣା**

# ଲଖନା ଥାନା କନଷ୍ଟେବଲ ନିଲମ୍ବିତ

**କୋମନା, ୩।୬(ସମିସ):** ନୂଆପଡ଼ା ଜିଲ୍ଲା ଲଖନା ଥାନାରୁ ପୁଲିସକୁ ଚକମା ଦେଇ ଜଣେ ଅଭିଯୁକ୍ତ ୫ ଦିନ ପୂର୍ବେ ଫେରାର ମାରିଛି। ଏଥିପାଇଁ ଅଞ୍ଚଳରେ ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ଚର୍ଚ୍ଚାର ବିଷୟ ପାଲଟିଛି। ଫେରାର ଅଭିଯୁକ୍ତକୁ ଧରିବାକୁ ପ୍ରାଣପଣେ ଚେଷ୍ଟା ଚଳେଇଥିଲେ ସୁଦ୍ଧା ପୁଲିସ ସଫଳ ହୋଇନି। ଏ ନେଇ କାର୍ଯ୍ୟରେ ଅବହେଳା ଯୋଗୁଁ କନଷ୍ଟେବଲ ଉମାକାନ୍ତ ସୁରଜଙ୍କୁ ନିଲମ୍ବିତ କରାଯାଇଛି।

# ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗାଈମୃତ

**କୋମନା, ୩।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ବଙ୍ଗଳାପଡ଼ା ତଥା ବିଏସଏନଏଲ ଅଫିସ ପଛପଟେ ଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଛି। ଗାଈଟି ବରପଦରପଡ଼ା ବାସିନ୍ଦା ସତ୍ୟ ବାଗଙ୍କ ବୋଲି ଜଣାପଡ଼ିଛି। ଟ୍ରାନ୍ସଫର୍ମରଟି ବହୁ ଦିନରୁ ମୁକୁଳା ପଡ଼ିଛି। ଅନେକ ସମୟରେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ନିରୀହ ଗାଈଗୋରୁଙ୍କ ଜୀବନ ଯାଉଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ପଡ଼ାବାସୀ ଏହି ସ୍ଥାନରେ ବାଡ଼ ତିଆରି କରିବା ପାଇଁ ବିଭାଗକୁ ଜଣାଇଥିଲେ ସୁଦ୍ଧା ବିଭାଗ କର୍ଣ୍ଣପାତ କରୁ ନ ଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଅପରପଟେ ସତ୍ୟ ଦୁଇବେଳା ଦୁଗ୍ଧ ବିକ୍ରି କରି ପରିବାର ଭରଣ ପୋଷଣ କରୁଛନ୍ତି। ଏଣୁ ଏହାଦ୍ୱାରା ତାଙ୍କର କ୍ଷତି ହୋଇଛି।



# ପାହାଡ଼େଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୋକସରା/ଲଡୁଗାଁ, ୩।୬(ସମିସ):** କୋକସରା ବ୍ଲକ ଫୁପଗାଁରେ ଭକ୍ତିମୟ ପରିବେଶ ମଧ୍ୟରେ ପାହାଡ଼ ଉପରେ ନବନିର୍ମିତ ବାବା ପାହାଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାରଠାରୁ ବିଭିନ୍ନ ପୂଜା ଆରମ୍ଭ ହୋଇଛି। ସୋମବାର ୭ଟାରେ ଧ୍ୱଜାରୋହଣ, ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କରାଯାଇଛି। ମୁଖ୍ୟ ପୂଜକ ଗୋପାଳ ଜି ଠାକୁର, ବିଶ୍ୱ ରଞ୍ଜନ ଯୋଶୀ ଓ ଧନଞ୍ଜୟ ମୁଣ୍ଡ ବିଧି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ରାଜୀବ କୁମାର ଅଗ୍ରୱାଲ ଓ ଧର୍ମପତ୍ନୀ ରୀତା ଅଗ୍ରୱାଲ ପୂଜାବିଧି ତୁଲାଇଥିଲେ। ମଙ୍ଗଳବାର ପ୍ରାତଃରୁ ଅଷ୍ଟପ୍ରହର ନାମଯଜ୍ଞ କର୍ତ୍ତା ଭାବରେ ରସିକଲାଲା ପୁଝାରୀ ଓ ଧର୍ମପତ୍ନୀ ଈଶ୍ୱରୀ ପୁଝାରୀ କାର୍ଯ୍ୟ ନିର୍ବାହ କରିବେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଧର୍ମଗଡ଼ ବିଜେଡ଼ି ବିଧାୟକ ପ୍ରାର୍ଥ ପୁଷ୍ପେନ୍ଦ୍ର ସିଂଦେଓ ସାମିଲ ହୋଇ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଜୟରାମ ପୁଝାରି, ପ୍ରଦୀପ ପଟେଲ, କୀର୍ତ୍ତନ ଶବର, ପ୍ରଭୁଲାଲ ପଟେଲ, ଲକ୍ଷ୍ମଣ ପଟେଲ, କାଶନାଥ ପୂଝରୀ, ସରପଞ୍ଚ ଗଜାନନ ପୂଝରୀ, ବଳରାମ ଶବର, ନିଳାମ୍ବର ବାରିକ, ଜଳଧର ପଟେଲ, କୈବଲ୍ୟ ପଟେଲ, ତୀର୍ଥରାଜ ଶବର, ବିପ୍ର ପଟେଲ, ସିଦ୍ଧାନ୍ତ ପଟେଲ, କୈଳାଶ ପଟେଲ, କୁମୁଦ ଚନ୍ଦ୍ର ପଟେଲ ଓ ମନୁ ପଟେଲଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି।





# ଜମିରୁ ଅଜଗର ଉଦ୍ଧାର



**ନୂଆପଡ଼ା/ଖଡ଼ିଆଳ, ୩।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁମେରବାହାଲ ଗ୍ରାମର ଚଟରାପଡ଼ାରେ ଏକ ବିଶାଳକାୟ ଅଜଗର ଉଦ୍ଧାର ହୋଇଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଏହାକୁ ଜଙ୍ଗଲରେ ଛାଡିଛନ୍ତି।

ସୋମବାର ଅପରାହ୍ନ ୪ଟାରେ ଗାଁର ପ୍ରହଲ୍ଲାଦ ପଣ୍ଡା ନାମକ ଜଣେ ଚାଷୀଙ୍କ ଜମିରେ ଏକ ବଡ଼ ଅଜଗର ଦେଖା ଦେଇଥିଲା। ଘର ପାଖରେ ଜମି ରହିଥିବାରୁ ପରିବାର ଲୋକେ ଅଜଗରକୁ ଦେଖି ଭୟଭୀତ ହୋଇ ଯାଇଥିଲେ। ସାଙ୍ଗେ ସାଙ୍ଗେ ଖଡ଼ିଆଳ ବନ ବିଭାଗକୁ ସୂଚନା ଦେଲା ପରେ ବନ ବିଭାଗ କର୍ମଚାରୀ ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ଧରିଥିଲେ। ପରେ ସ୍ଥାନୀୟ ଚକା ଡଙ୍ଗରରେ ସୁରକ୍ଷିତ ଭବେ ଛାଡି ଦିଆଯାଇଛି।

**ଡିଆର୍‌ଏମ୍‌ଙ୍କୁ ଭେଟିଲେ କଳାହାଣ୍ଡି ରେଳଯାତ୍ରୀ ସଂଘ**

# ଭବାନୀପାଟଣା ରେଳଷ୍ଟେସନରେ ଦ୍ୱିତୀୟ ପ୍ଲାଟଫର୍ମ ଦାବି

**ଭବାନୀପାଟଣା/କେସିଙ୍ଗା, ୩।୬(ସମିସ)**



କଳାହାଣ୍ଡି ଜିଲ୍ଲାରେ ରେଳର ବିକାଶ ପାଇଁ କଳାହାଣ୍ଡି ରେଳଯାତ୍ରୀ ସଙ୍ଘ ସୋମବାର ସମ୍ବଲପୁରସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେଙ୍କୁ ସାକ୍ଷାତ କରିଛନ୍ତି। ସଂଘର କର୍ମକର୍ତ୍ତାମାନେ ଭବାନୀପାଟଣା ଓ କେସିଙ୍ଗା ରେଳଷ୍ଟେସନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ରାୟଗଡ଼ାରୁ ବିଶାଖାପାଟଣା ଏବଂ ବିଶାଖାପାଟଣାରୁ ରାୟଗଡ଼ା ପର୍ଯ୍ୟନ୍ତ କେସିଙ୍ଗା ଷ୍ଟେସନରେ ଉଭୟ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ୍‌ରେ ଅନଲୋଡିଂ ସୁବିଧା, କେସିଙ୍ଗାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ୍, ସପ୍ତାହରେ ୩ ଦିନ କେସିଙ୍ଗା ପର୍ଯ୍ୟନ୍ତ ଇସ୍ପାତ ଟ୍ରେନ ସମ୍ପ୍ରସାରଣ ପାଇଁ ଡ଼ିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟାନ୍ୟ ଦାବି ମଧ୍ୟରେ ବିଶାଖାପାଟଣାରୁ ରାୟଗଡ଼ା ପର୍ଯ୍ୟନ୍ତ ସମସ୍ତ ଡାଉନ୍ ଟ୍ରେନ୍ ୪ନଂ ପ୍ଲାଟଫର୍ମରେ ରହଣୀ, ଟ୍ରେନ୍ ଆସିବା ପୂର୍ବରୁ ଘୋଷଣା କରିବା, ରେଳ ଟିକେଟ୍ କୋଟା ବାବଦରେ କେସିଙ୍ଗା ଷ୍ଟେସନକୁ ଅନ୍ତର୍ଭୁକ୍ତ କରିବା, ରାୟଗଡ଼ାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ଏକ ଟ୍ରେନ୍ ଚଳାଚଳ କଲେ ପୁରୀ-ଦୁର୍ଗ ଟ୍ରେନ୍ ଧରିବାରେ ସହାୟତା ହେବ ବୋଲି ସଂଘ ଦୃଷ୍ଟି ଆକର୍ଷଣ କରିଛି। କେସିଙ୍ଗାକୁ ଇସ୍ପାତ ଏକ୍ସପ୍ରେସର ସମ୍ପ୍ରସାରଣ, ନର୍ଲା, ରୁପ୍ରା ରୋଡ୍, ଲାଞ୍ଜିଗଡ଼ ରୋଡ୍, ଜୁନାଗଡ଼, ଧର୍ମଗଡ଼, ରାମଚନ୍ଦ୍ରପୁର, ଦେପୁର ଷ୍ଟେସନର ବିଭିନ୍ନ ଦାବି, ନର୍ଲାରୋଡ଼ ଷ୍ଟେସନରେ ସମତା, ତିରୁପତି ଓ ଧାନବାଦ ଏକ୍ସପ୍ରେସ ଟ୍ରେନ ରହଣି ଦାବି କରାଯାଇଛି। ଭବାନୀପାଟଣା ପାଖ କୁଟୁରୁଖମାର ନୂଆ ହସ୍ପିଟାଲ ପାଖରେ ଏକ ଅଣ୍ଡର ବ୍ରିଜ ନିର୍ମାଣ ଏବଂ କଳାହାଣ୍ଡି ଭବାନୀପାଟଣା ରେଳ ଷ୍ଟେସନରେ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ ନେଇ ଡ଼ିଆରଏମଙ୍କ ସହ ସଂଘର ଅଧ୍ୟକ୍ଷ ଭବାନୀଶଙ୍କର ନିଆଲ, ଉପ ସଭାପତି ବଣ୍ଟି ଅଗ୍ରୱାଲ, ସାଧାରଣ ସଂପାଦକ ପ୍ରଦୀପ କୁମାର ଦାସ ଓ ରାକେଶ ସାହୁ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ଓ ପ୍ରସ୍ତାବ ଉପରେ ମଣ୍ଡଳ ରେଳ ପ୍ରବନ୍ଧକ ଯଥା ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାକ୍ଷାତକାର ସମୟରେ ସିନିଅର କମରସିଆଲ ମ୍ୟାନେଜର, ଡିଭିଜନାଲ ରେଲୱେ ଇଞ୍ଜିନିଅର ଓ ଏଡ଼ିଆରଏମ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟ ଉତ୍ସବ ପାଇଁ ବିଜେଡିର ପ୍ରସ୍ତୁତି

**ନର୍ଲା, ୩।୬(ସମିସ):** ମଇ ୧୩ ତାରିଖରେ କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନର୍ଲା ବିଧାନସଭା କ୍ଷେତ୍ରରେ ମତଦାନ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଭୋଟଗଣତି ହେଉଛି। ଚଳିତ ନିର୍ବାଚନରେ ନର୍ଲା ହାଇ ଭୋଲ୍ଟେଜ୍ ନିର୍ବାଚନମଣ୍ଡଳୀ ଭାବରେ ଗଣା ହୋଇଛି। ଏହି ଆସନରେ ବିଜେଡିରୁ ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, କଂଗ୍ରେସରୁ ଜିଲ୍ଲାର ଭେଟେରାନ୍ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଓ ବିଜେପିରୁ ଅନିରୁଦ୍ଧ ପଧାନ ପ୍ରାର୍ଥୀ ଅଛନ୍ତି। କଂଗ୍ରେସ ଓ ବିଜେପିର ବିଭିନ୍ନ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଅଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀମତୀ ମହାନ୍ତିଙ୍କ ବିଜୟ ନେଇ ସମସ୍ତେ ଆଶାବାଦୀ। ସେ ସ୍ଥାନୀୟ ବୋହୂ ତଥା ମହିଳା ପ୍ରାର୍ଥୀ ଭାବରେ ତମାମ ପ୍ରଚାର ସମୟରେ ନିର୍ବାଚନମଣ୍ଡଳୀରେ ତାଙ୍କ ପ୍ରତି ମହିଳା, ପୁରୁଷ ଓ ଯୁବବର୍ଗର ସମର୍ଥନ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ବୁଥ୍ ବାହୁଡ଼ା ଆକଳନରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ନେଇ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି। ଭବାନୀପାଟଣା ସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ମତଗଣନା ହେବ। ବିଜୟ ନେଇ ସ୍ଥିର ନିଶ୍ଚିତ ବିଜୁ ଜନତା ଦଳର କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ବିଜୟ ଉତ୍ସବ ପାଳନ ନେଇ ପ୍ରସ୍ତୁତି ଆରମ୍ଭ ହେଉଥିବା ସୂଚନା ମିଳିଛି। ଏହାସହ ଶ୍ରୀମତୀ ମହାନ୍ତିଙ୍କୁ ବିଭିନ୍ନ ମହଲରୁ ଆଗତୁରା ଶୁଭେଚ୍ଛା ବାର୍ତ୍ତାର ସୁଅ ମିଳିବାରେ ଲାଗିଛି।

## ପ୍ରବଳ ଗରମରେ ବିଜୁଳିର ଲୁଚକାଳି

**ସୋନପୁର, ୩।୬(ସମିସ):** ଏବେ ସୋନପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଦିନ ୧୦-୧୧ଟା ପରେ ତାତି ଅସମ୍ଭାଳ ହୋଇ ଯାଉଛି; ହେଲେ ଏହା ମଧ୍ୟରେ ସହରବାସୀଙ୍କୁ ଅଧିକ ଦୁଃଖ ଦାୟକ ସାଜିଲାଣି ଅଘୋଷିତ ବିଦ୍ୟୁତ୍ କାଟ୍। ପ୍ରତ୍ୟେକ ଦିନ ସକାଳ ହେଲେ ବିଦ୍ୟୁତ୍ କାଟ୍ ହେଉଛି। ଦ୍ୱିପହର ହୋଇଗଲେ ମଧ୍ୟ ଘଣ୍ଟା ଘଣ୍ଟା ଧରି କରେଣ୍ଟ ଗାୟବ ହୋଇ ଯାଉଛି। ଛୁଆପିଲା ଗରମରେ ଆଉଟୁ ପାଉଟୁ ହେଉଛନ୍ତି। ୩/୪ଦିନ ହେଲା ଏଭଳି ସମସ୍ୟା ଯୋଗୁଁ ଲୋକେ ଅତିଷ୍ଠ ହୋଇ ଗଲେଣି।

## ଟାଙ୍ଗିଆରେ ହାଣି ଜ୍ୱାଇଁର ଗୋଡ଼ ଛିଣ୍ଡାଇଥିବା ଶଶୁରଙ୍କୁ କୋର୍ଟ ଚାଲାଣ

**ବୌଦ୍ଧ, ୩।୬(ସମିସ):** ବୌଦ୍ଧ ଥାନା ଆମ୍ବଝରୀ ଗ୍ରାମରେ ନିଜ ଜ୍ୱାଇଁଙ୍କ ଗୋଡକୁ ଟାଙ୍ଗିଆରେ ହାଣି ଛିଣ୍ଡାଇ ଦେଇଥିବା ଶଶୁର କୋର୍ଟ ଚାଲାଣ ହୋଇଛି। ସୋନପୁର



ଜିଲ୍ଲା ପିପିଲିପାଲି ଗ୍ରାମର କୁଶଳେଶ୍ୱର ବିଭାର ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅଧୀନ ଆମ୍ବଝରି ଗ୍ରାମର ଭାଗୀରଥି ଲୁହାଙ୍କ ଝିଅକୁ ବିବାହ କରିଛନ୍ତି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇ କୁଶଳେଶ୍ୱରଙ୍କ ପତ୍ନୀ ଓ ପିଲାମାନେ ବାପ ଘରେ ଆମ୍ବଝରିରେ ରହୁଛନ୍ତି। ଶନିବାର କୁଶଳେଶ୍ୱର ଆମ୍ବଝରି ଆସିଥିବା ବେଳେ ଶଶୁର ଘର ଲୋକଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଶଶୁର ଭାଗୀରଥୀ ଓ ଅନ୍ୟ ଦୁଇ ଜଣ ମିଶି ଜ୍ୱାଇଁଙ୍କୁ ଦଉଡ଼ିରେ ବାନ୍ଧି ଟାଙ୍ଗିଆରେ ଗୋଡ଼କୁ ହାଣି ଦେଇଥିଲେ। ଏହି ଘଟଣାରେ ପୁଲିସ୍ ଶଶୁର ଭାଗୀରଥିକୁ ଗିରଫ କରିଥିଲା।

## ଶିକ୍ଷକ, କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି, ୩।୬(ସମିସ):** ସୋନପୁର ଶିକ୍ଷା ଜିଲ୍ଲା ଅଧୀନରେ ଅବସର ନେଇଥିବା ୫ଜଣ ଶିକ୍ଷକ ଓ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀମାନେ ହେଲେ ବଡ଼କରଲେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରମୋଦ ପଧାନ, ସହଲା ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରୀୟ ବୁଢ଼େକ, କମସରା ଉଚ୍ଚ ବିଦ୍ୟାଳୟ କର୍ମଚାରୀ ପଞ୍ଚାନନ ସାମନ୍ତରାୟ, ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ରଥ ଏବଂ ସିଲାଟି ଗୋପାଳଜୀ ଉଚ୍ଚ ବିଦ୍ୟାଳୟ ସିଲାଟିର ଖେଳ ଶିକ୍ଷକ ଶେଷଦେବ ହୋତା। ଏହି ସମ୍ବର୍ଦ୍ଧନା ସଭାରେ ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ମାଟ୍ରିକ୍ ଜିଲ୍ଲା ଟପ୍ପର ସମ୍ବର୍ଦ୍ଧିତ



**ବୌଦ୍ଧ, ୩।୬(ସମିସ):** ବୌଦ୍ଧ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ଶୁଭ୍ରଦୀପ ପ୍ରଧାନ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବୌଦ୍ଧ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ଦାନୀ, ପ୍ରେମାନନ୍ଦ ମିଶ୍ର, ତାପସ ପଟ୍ଟନାୟକ, ଶ୍ୟାମ ସୁନ୍ଦର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ଦୁଇ ବ୍ଲକ୍ ଟପ୍ପର ସମ୍ବର୍ଦ୍ଧିତ

**ସୁବଳୟା, ୩।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ଦୁଇ କଲେଜରେ ସୋମବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲେଜର ଛାତ୍ରୀ ସୁଶ୍ରୀ ଲିପ୍ସାରାଣୀ ଖମାରି ୫୧୩ ମାର୍କ ରଖି ବୀରମହାରାଜପୁର ବ୍ଲକ ଟପ୍ପର ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟକ୍ଷ ଭୋଳାନାଥ କର୍ମୀ ତାଙ୍କୁ ପୁରସ୍କୃତ କରିଥିଲେ। ଏଥି ସହ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ୟ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଯୁକ୍ତ ଦୁଇରେ ୧୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪ ଜଣ ପ୍ରଥମ ଓ ୨୧ ଜଣ ଦ୍ୱିତୀୟ ଏବଂ ୬୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜ କର୍ମଚାରୀ ସୁରେନ୍ଦ୍ର ସାହୁ, ଗୋପାଳ ଭୋଇ, ଦିଲୀପ ମେହେର ଓ ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଭୂତ ନାଁରେ ଉଠିଛି 'ଆବାସ' ଟଙ୍କା







ବରଗାଁ ପଞ୍ଚାୟତ

**ଶଗଡ଼ା, ୩।୬(ସମିସ)**

ଗରିବଙ୍କୁ ପକ୍କା ଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା, ତଦନ୍ତରେ ଅହେତୁକ ବିଳମ୍ବ ସହ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁଁ ଅନେକ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଫାଇଦା ଉଠାଉଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ କନ୍ଧପାଲିରେ ଗ୍ରାମରେ ଆବାସ ଯୋଜନାରେ କେଳେଙ୍କାରୀର ପ୍ରମାଣ ମିଳିଛି। ଆର୍ଥିକ ବର୍ଷ ୨୦୨୨-୨୩ରେ କଳ୍ପନା ସାହୁ ନାମ୍ନୀ ଜଣେ ମହିଳାଙ୍କ ନାଁରେ କନ୍ଧପାଲି ଗ୍ରାମରେ ଆବାସ ତାଲିକାରେ ନାମ ଥିଲା; ହେଲେ ତାଙ୍କ ନାଁରେ କୌଣସି ମହିଳା ଗାଁରେ ନ ଥିବା ତଦନ୍ତ ପରେ ଜଣା ପଡ଼ିଥିଲା; ହେଲେ ଏହି ନାମରେ ତଞ୍ଚକତା କରି ଗ୍ରାମର ୱାର୍ଡ ସଭ୍ୟ ଓ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗ୍ରାମର ରିନା କହଁର ନାମ୍ନୀ ଜଣେ ମହିଳାଙ୍କୁ ଘର ମିଳିବ କହି ଆଜବେଷ୍ଟସ ଘରର ଫଟୋ ଉଠାଇଥିଲେ। ସେହିଭଳି ରାମକୃଷ୍ଣ ମଲ୍ଲିକଙ୍କୁ ଘର ରଙ୍ଗ ବାବଦରେ ୩ ହଜାର ଟଙ୍କା ମିଳିବ କହି ସେ ୨୦୧୨ରେ ପାଇଥିବା ଘରର ପ୍ଲାଷ୍ଟର ହୋଇ ନ ଥିବା ପାର୍ଶ୍ୱକୁ ଛାତ ସମ୍ପୂର୍ଣ୍ଣ ହୋଇଥିବା ଦେଖାଇ



ଫଟୋ ଉଠାଇଥିଲେ। ଏହି ଘର ବାବଦରେ ପ୍ରଥମ କିସ୍ତିରେ ଅଗଷ୍ଟ ୧୧ରେ ୪୦ ହଜାର ଓ ଦ୍ୱିତୀୟ କିସ୍ତିରେ ନଭେମ୍ବର ୨୮ରେ ୬୫ ହଜାର ଟଙ୍କା ମିଶି ମୋଟ ୧ ଲକ୍ଷ ୫ ହଜାର ଟଙ୍କା ଉଠାଣ ହୋଇଥିବା ବିଭାଗୀୟ ୱେବ୍‌ସାଇଟ୍‌ରେ ତଥ୍ୟ ଉପଲବ୍ଧ ରହିଛି। ତେବେ ସେହି ମହିଳା ସହ ତାଙ୍କ ଶଶୁର ଏ ବାବଦରେ କିଛି ଜାଣି ନ ଥିବା ବେଳେ ଅନ୍ୟ ଜଣକ ନାମରେ ଆସିଥିବା ଘରକୁ ୱାର୍ଡ ସଭ୍ୟ ଓ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଳିମିଶି ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର୍ ନାଗଙ୍କୁ ପଚାରିବାରୁ ଆଗରୁ କାଗଜପତ୍ର ତର୍ଜମା କରି ଜିଓ ଟ୍ୟାଗ ହୋଇ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେ ଆଉ କାଗଜପତ୍ର ଦେଖି ନାହାନ୍ତି ବୋଲି ସଫେଇ ଦେଇଥିଲେ।

## ଭୋଟ ଗଣତି ପାଇଁ ପ୍ରଶାସନିକ ବନ୍ଦୋବସ୍ତ



**ସୋନପୁର, ୩।୬(ସମିସ):** ମଙ୍ଗଳବାର ଭୋଟ ଗଣତି ହେବ। ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବିଧାନସଭା, ବୀରମହାରାଜପୁର ବିଧାନସଭା ଏବଂ ବଲାଙ୍ଗିର ସଂସଦୀୟ କ୍ଷେତ୍ରର ଭୋଟ ଗଣତି ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସୋନପୁର ମହାବିଦ୍ୟାଳୟ ଏବଂ ବୀରମହାରାଜପୁର ମହାବିଦ୍ୟାଳୟ ପରିସରକୁ ଷ୍ଟ୍ରଙ୍ଗରୁମ କରାଯାଇଛି। ଏହି କଲେଜ ଗୁଡିକରେ ଉଭୟ ବିଧାନସଭାର ଭୋଟ ଗଣତି ଅନୁଷ୍ଠିତ ହେବ। ଏଠାରେ ଭୋଟ ଗଣତି କାର୍ଯ୍ୟ ସକାଳ ୮ଟାରେ ଆରମ୍ଭ ହେବ। ସୋନପୁର କଲେଜ ଭୋଟଗଣତି କେନ୍ଦ୍ରରେ ସୋନପୁର ବିଧାନସଭା (୬୫) ଏବଂ ବଲାଙ୍ଗିର ଲୋକସଭା ପାଇଁ ଗଣତି କାର୍ଯ୍ୟ ଅନୁଷ୍ଠିତ ହେବ। ସେହିପରି ବୀରମହାରାଜପୁର କଲେଜରେ ବୀରମହାରାଜପୁର ବିଧାନସଭା (୬୪) ନିର୍ବାଚନ ମଣ୍ଡଳୀ ଏବଂ ବଲାଙ୍ଗିର ଲୋକସଭା ପାଇଁ ଭୋଟ ଗଣତି କରାଯିବ। ସୋନପୁର କଲେଜରେ ଭୋଟ ଗଣତି ପାଇଁ ୧୪ଟି ଟେବୁଲ ଏବଂ ବୀରମହାରାଜପୁର କଲେଜରେ ୧୨ଟି କଲେଜରେ ଭୋଟ ଗଣତି କରାଯିବ। ଉଭୟ ଭୋଟ ଗଣତି କେନ୍ଦ୍ରରେ ୨୩ ରାଉଣ୍ଡ ଲେଖାଏଁ ଭୋଟ ଗଣତି ହେବ। ବଲାଙ୍ଗିର ଲୋକସଭା ପାଇଁ ଉଭୟ ନିର୍ବାଚନମଣ୍ଡଳୀ ପାଇଁ ସମାନ ସଂଖ୍ୟାରେ ଟେବୁଲରେ ଗଣତି ପାଇଁ ବ୍ୟବସ୍ଥା କରାଯାଇଛି। ସକାଳ ୮ଟା ସମୟରେ ପ୍ରଥମେ ପୋଷ୍ଟାଲ ଭୋଟ ଗଣତି ଆରମ୍ଭ ହେବ। ୮ଟା ୩୦ରୁ ଷ୍ଟ୍ରଙ୍ଗରୁମରୁ ଇଭିଏମ ବାହାରି ଗଣତି କାର୍ଯ୍ୟ ଆରମ୍ଭ କରାଯିବ। ଉଭୟ ନିର୍ବାଚନମଣ୍ଡଳୀ ପାଇଁ ୨୩ ରାଉଣ୍ଡ ଭୋଟ ଗଣତି କରାଯିବା ପରେ ପୋଷ୍ଟାଲ ଭୋଟକୁ ମିଶାଇ ଚୂଡାନ୍ତ ଭୋଟ ସଂଖ୍ୟା ଘୋଷଣା କରାଯିବ। ଭୋଟ ଗଣତି ପାଇଁ ପ୍ରତ୍ୟେକ ଟେବୁଲରେ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ଜଣେ ଲେଖାଏଁ ଏଜେଣ୍ଟ ଉପସ୍ଥିତ ରହିବାକୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସେହିପରି ପ୍ରତି ଟେବୁଲରେ ତିନିଜଣ ଲେଖାଏଁ କର୍ମଚାରୀଙ୍କୁ ଭୋଟ ଗଣତି କାର୍ଯ୍ୟ ପରିଚାଳନା ପାଇଁ ନିୟୋଜିତ କରାଯାଇଛି। ଉଭୟ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ, ସହକାରୀ ରିଟର୍ଣ୍ଣିଂ ଅକାରୀ ଓ ମାଇକ୍ରୋ ଅବଜରଭର ମଧ୍ୟ ଉପସ୍ଥିତ ରହିବେ। ପ୍ରତ୍ୟେକ ରାଉଣ୍ଡର ଭୋଟ ଗଣତି ଫଳାଫଳ ତୁରନ୍ତ ନିର୍ବାଚନ କମିଶନ ଓ ଗଣତି କେନ୍ଦ୍ରଠାରେ ଖୋଲା ଯାଇଥିବା ମିଡିଆ ସେଣ୍ଟରକୁ ପ୍ରଦାନ କରାଯିବାର ବ୍ୟବସ୍ଥା କରଯାଇଛି। ୨୩ ରାଉଣ୍ଡ ଭୋଟ ଗଣତି ଶେଷ ହେବା ପରେ ଗଣତିର ପରୀକ୍ଷା ପାଇଁ ଯେ କୌଣସି ୫ଟି ଭିଭିପିଏଟକୁ ଖୋଲାଯାଇ ଗଣାଯିବ ଓ ଇଭିଏମ ସହିତ ମିଳାଯିବ। ସମ୍ପୂର୍ଣ୍ଣ ଭୋଟ ଗଣତି ନ ସରିବା ପର୍ଯ୍ୟନ୍ତ ଗଣତି କାର୍ଯ୍ୟ ନିରନ୍ତର ଜାରି ରହିବ। ଶାନ୍ତିଶୃଙ୍ଖଳାର ସହ ମତଗଣନା ପାଇଁ ଗଣତି କେନ୍ଦ୍ର ଚାରିପଟେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହିତ ପରିଚୟପତ୍ର ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କୁ ମଧ୍ୟ ଭିତରକୁ ପ୍ରବେଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଅଗ୍ନିଶମ ବିଭାଗକୁ ସମସ୍ତ ଉପକରଣ ସହିତ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି।

## ଆଜି ବୌଦ୍ଧ ପଞ୍ଚାୟତ କଲେଜରେ ଭୋଟ୍ ଗଣତି



**ବୌଦ୍ଧ, ୩।୬(ସମିସ):** ବୌଦ୍ଧ ପଞ୍ଚାୟତ କଲେଜରେ ମଙ୍ଗଳବାର ସକାଳ ୮ଟାରୁ ଭୋଟ ଗଣତି ହେବ। ଏଥିପାଇଁ ପ୍ରସ୍ତୁତି ହୋଇଛି। ଭୋଟ୍ ଗଣତି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ମକଡ୍ରିଲ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ତଥା ୮୫ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଦିଲ୍ଲୀପ ମହାପାତ୍ର, ଉପ ଜିଲ୍ଲାପାଳ ତଥା ୮୬ ବୌଦ୍ଧ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସନା, ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

● ମହାନଦୀକୁ ଡେଇଁ ଖସିଗଲେ ମାଫିଆ

## ୨୦୨ କେଜି ଗଞ୍ଜେଇ ସହ ବାଇକ୍ ଜବତ



**ବାଉଁଶୁଣି, ୩।୬(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣି ପୁଲିସ ଚକମା ଦେଇଛନ୍ତି ଗଞ୍ଜେଇ ମାଫିଆ। ମହାନଦୀକୁ ଡେଇଁ ଗଞ୍ଜେଇ ମାଫିଆ ଖସି ପଳାଇଛନ୍ତି। ପୁଲିସ କେବଳ ୨୦୨ କେଜି ୫୦୦ ଗ୍ରାମ ଗଞ୍ଜେଇ ଓ ଗୋଟାଏ ବାଇକ୍ ଜବତ କରି ସନ୍ତୁଷ୍ଟ ହୋଇଛି।

ସୋମବାର ସକାଳ ୫ଟାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଉଁଶୁଣି ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ନେତୃତ୍ୱରେ ବାଉଁଶୁଣି ଥାନାର ଏକ ଟିମ୍ ହିଲୁଙ୍ଗ ମହାନଦୀ ଘାଟ ନିକଟରେ ଚଢ଼ଉ କରିଥିଲେ। ଗଞ୍ଜେଇ ମାଫିଆ ମହାନଦୀରେ ସୋନପୁର ଜିଲ୍ଲାକୁ ଡଙ୍ଗା ସାହାଯ୍ୟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ପୁଲିସ ପହଞ୍ଚି ଯାଇଥିଲା; ହେଲେ ଗଞ୍ଜେଇ ଚାଲାଣକାରୀ ମହାନଦୀକୁ ଡେଇଁ ଖସି ଯାଇଥିଲେ। ମହାନଦୀ କୂଳରେ ରଖା ଯାଇଥିବା ଗଞ୍ଜେଇ ଓ ବାଇକ୍‌କୁ ପୁଲିସ ଜବତ କରି ଥାନାକୁ ଫେରିଥିଲା।

## ଡ୍ରେନ୍‌କୁ ଖସିଲା ଚାଉଳ ବୋଝେଇ ପିକ୍‌ଅପ୍

**ବାଉଁଶୁଣି, ୩।୬(ସମିସ):** ବାଉଁଶୁଣି ଡେଲି ମାର୍କେଟ ପାଖରେ ପାଇପ୍ ବିଛାଇବା ପାଇଁ ଗାତ ଖୋଳା ଯାଇଥିବା ବିପରୀତ ପାର୍ଶ୍ୱରେ ସୋମବାର ଏକ ଚାଉଳ ବୋଝେଇ ଗାଡ଼ି ଡ୍ରେନ୍‌କୁ ଖସିଛି। ଏଥିରେ କାହାର କିଛି ବିଶେଷ କିଛି କ୍ଷତି ହୋଇ



ନ ଥିଲେ ମଧ୍ୟ ଯିବା ଆସିବାରେ ଜନ ସାଧାରଣ ବହୁତ୍ ହଇରାଣ ହୋଇଥିଲେ। ସୂଚନାଯୋଗ୍ୟ, ବାଉଁଶୁଣି ଅଞ୍ଚଳରେ ଦୀର୍ଘ ଦିନ ହେବ ଜଳ ସମସ୍ୟା ଲାଗି ରହିଛି। ଏଥିପାଇଁ ବାଉଁଶୁଣି ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପାଖରେ ମଧ୍ୟ ଅଭିଯୋଗ କରିଥିଲେ। ଅଞ୍ଚଳବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗତ କିଛି ଦିନ ହେବ ଏକ ଘରୋଇ କମ୍ପାନୀ ବାଉଁଶୁଣି ଅଞ୍ଚଳ ସମେତ ଡିମିରିପାଲିକୁ ଗାତ ଖୋଳି ପାଇପ୍ ପୋତିବା କାର୍ଯ୍ୟ ଚଳାଇଛି। ମାତ୍ର ଜଣେ ନିର୍ଦ୍ଦିଷ୍ଟ ଜଣେ ବ୍ୟବସାୟୀ ଗାତ ଖୋଳାକୁ ବିରୋଧ କରୁଥିବା ବାହାନା କରି ପାଇପ୍ ବିଛାଇବା କାମକୁ ସ୍ଥଗିତ ରଖାଯାଇଛି। ଏଣୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ଗାତ ଖୋଳାଯାଇ ଛାଡ଼ି ଦେଇଥିବା ହେତୁ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

## ବଡ଼ବର୍ଡାକଟାରେ ପରାୟଣ ଉଦ୍‌ଯାପିତ



**ସୁବଳୟା, ୩।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବଡବର୍ଡାକଟା ସ୍ଥିତ ବାଣେଶ୍ୱରୀ ଶୈବପୀଠ ପ୍ରାଙ୍ଗଣରେ ଚାଲିଥିବା ପରାୟଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସଚ୍ଚିଦାନନ୍ଦ ପଣ୍ଡା ପୁରାଣ ପାଠ କରିଥିଲେ। ସୀତାଂଶୁ ହୋତା ଓ ଦେବାର୍ଚ୍ଚନା ଦାଶ ପୂଜାକାର୍ଯ୍ୟ ତୁଲାଇ ଥିଲେ। ରଣଜିତ ମିଶ ଓ ସଂଯୁକ୍ତା ପୁରୋହିତ କର୍ତ୍ତା ଥିଲେ। ମନ୍ଦିର ପରିଚାଳନା କମିଟିର ସୁଜିତ ପ୍ରସାଦ ମିଶ୍ର, ଅଟଳବିହାରୀ ମିଶ୍ର, ଟିଲୁ ଦେହୁରୀ, ଜନ୍ମଜୟ ମିଶ୍ର, ଅଜିତ ମିଶ୍ର, ରାମଜୀ ମିଶ୍ର, ମଣ୍ଟୁ ମିଶ୍ର, ଚିଣ୍ଟୁ ମିଶ୍ର, ନବୀନ ନାଏକ, ତପନ ନାଏକ, ଶ୍ରୀନିବାସ ଦେହୁରୀ ଓ ବଡବର୍ଡ଼ାକଟା ଗ୍ରାମବାସୀ ସହଯୋଗ କରିଥିଲେ।

## ମଣ୍ଡି ଅବ୍ୟବସ୍ଥାକୁ ନେଇ ରାସ୍ତା ଅବରୋଧ

**ଡୁଙ୍ଗୁରିପାଲି, ୩।୬(ସମିସ)**

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ମଣ୍ଡିରେ ବ୍ୟାପକ କଟିନି ଛଟନି ହେଉଛି। ବିଭିନ୍ନ ମଣ୍ଡିରେ ନାନା ସମସ୍ୟା ଲାଗି ରହିଛି। ଏହାକୁ ନେଇ ଚାଷୀ ନେତ୍ରୀ ସୋନାଲି ବିଶିଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବରଗଡ଼-ବଲାଙ୍ଗିର ଜାତୀୟ ରାଜପଥର ଡୁଙ୍ଗୁରିପାଲି ସହଲା ଛକରେ ରାସ୍ତା ଅବରୋଧ କରିଥିଲେ। ଏହା ଫଳରେ ଉଭୟ ପାର୍ଶ୍ୱରେ ଗାଡିମଟର ଅଟକି ରହିଥିଲା। ପ୍ରଶାସନିକ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଲିଖିତ ପ୍ରତିଶ୍ରୁତି ପାଇବା ପରେ



ଆନ୍ଦୋଳନକାରୀ ରାସ୍ତାରୁ ଉଠିଥିଲେ। ତେବେ ପ୍ରଶାସନ ଦେଇଥିବା ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ଧାନ ନ କିଣିଲେ ପୁଣି ଜିଲ୍ଲାପାଳଙ୍କ ଅଫିସରେ ଜୋରଦାର୍ ଆନ୍ଦୋଳନ ହେବ ବୋଲି ଚାଷୀ ନେତ୍ରୀ ସୋନାଲି ବିଶି ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ ଚାଷୀ ନେତା ବରଗଡ଼ ଜିଲ୍ଲା ଭେଡେନର ଉପେନ୍ଦ୍ର ଭୋଇ, ରମେଶ ମହାପାତ୍ର, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ବିରେନ୍ଦ୍ର କର, ପ୍ରଶାନ୍ତ ସାହୁ, ସେହିପରି ସୋନପୁରର ବାଳକୃଷ୍ଣ ଶତପଥୀ, ସୁଧୀର ବଘାର, ରାଜେନ୍ଦ୍ର ମିଶ୍ର, ରାମନାରାୟଣ ବ୍ରହ୍ମାଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

## ବଘିଆପଡ଼ା ପ୍ୟାକ୍ସରେ ଧାନମଣ୍ଡି ଶୁଭାରମ୍ଭ



**ବୌଦ୍ଧ, ୩।୬(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପ୍ୟାକ୍ସ ପରିସରରେ ରବି ଧାନ କ୍ରୟ ଲାଗି ମଣ୍ଡି ଶୁଭାରମ୍ଭ ହୋଇଛି। ମୁଣ୍ଡାପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ରୋହିତ ପ୍ରଧାନ ପୂଜାର୍ଚ୍ଚନା କରି ଧାନ କ୍ରୟ ଲାଗି ମଣ୍ଡିର ଶୁଭାରମ୍ଭ କରିଥିଲେ। ମଣ୍ଡି ଶୁଭାରମ୍ଭ ସମୟରେ ସମ୍ପାଦକ ନେତ୍ରାନନ୍ଦ ପୁରୋହିତ, ବିଇଓ କିରଣ ପ୍ରଧାନ, ଆରଏମ୍‌ସି ପ୍ରତିନିଧି ଗୌର ବେହେରା, ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ। ଟୋକନ ପାଇଥିବା ଚାଷୀଙ୍କଠାରୁ ଯୋଗାଣ ବିଭାଗରୁ ଅନୁବନ୍ଧିତ ହୋଇଥିବା ସେରାବାଲି ରାଇସ୍ ମିଲ୍ ଧାନ କିଣିଥିଲା।

## ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭଞ୍ଜନଗର,୩।୬(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଗାୟାଗଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ରୀ ଦେବସ୍ମିତା ପ୍ରଧାନଙ୍କୁ ନିଜ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ମାଟ୍ରିକ ପରୀକ୍ଷାରେ ଏହି ଅନୁଷ୍ଠାନର ମେଧାବୀ ଛାତ୍ରୀ ଦେବସ୍ମିତା ପ୍ରଧାନ ବର୍ତ୍ତମାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠ ନଗର, ବ୍ରହ୍ମପୁର-୨ରେ ଅଧ୍ୟୟନ କରି ମୋଟ ୫୫୨ ମାର୍କ(୯୨%) ରଖି ଏ-୧ଗ୍ରେଡ୍‌ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ଦେବସ୍ମିତା ଗାୟାଗଣ୍ଡା ଶିଶୁ ମନ୍ଦିରରେ ଶିଶୁ ପ୍ରାରମ୍ଭଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରି ଅନୁଷ୍ଠାନର ଜଣେ ମେଧାବୀ ଛାତ୍ରୀ ଭାବେ ବେଶ ପରିଚିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା ସମିତି ସଦସ୍ୟଙ୍କ ଉପସ୍ଥିତିରେ ସଭାପତି ମାଧବ ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଉକ୍ତ ଅନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଓ ଶିକ୍ଷୟିତ୍ରୀ ପ୍ରଶାନ୍ତି ପ୍ରଧାନଙ୍କର ଏକମାତ୍ର କନ୍ୟା ବୋଲି ଜଣାପଡ଼ିଛି।

### ନଳକୂପରୁ ପାଣି ନେବାକୁ ନେଇ ଗଣ୍ଡଗୋଳ

# ଆସିକା-ଦିଗପହଣ୍ଡି ରାସ୍ତା ଅବରୋଧ

**ସାନଖେମୁଣ୍ଡି,୩।୬(ସମିସ)**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତ ପଳାଶପୁର ଗ୍ରାମରେ ପିଇବା ପାଣି ନ ପାଇ ସୋମବାର ପୂର୍ବାହ୍ନରେ ଶତାଧିକ ମହିଳା ଓ ପୁରୁଷ ରାସ୍ତାରୋକ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପଳାଶପୁର ଗ୍ରାମରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପାଣି ପାଇଁ ୩୦୦ ପରିବାର ଗୋଟାଏ ନଳକୂପ ଉପରେ ନିର୍ଭର କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମରେ ଏକ ନୂତନ ନଳକୂପ ଖନନ କରାଯାଇଥିଲା। ତେବେ ଗାଁର ଦଳିତ ପରିବାର ଜାତିଭେଦକୁ ଆକ୍ଷେପ କରି ନୂତନ ଭାବେ ଖନନ ହୋଇଥିବା ନଳକୂପରୁ ପାଣି ନ ନେବା ପାଇଁ ସେହି ଗ୍ରାମର ପ୍ରଦୀପ କୁମାର ପାଢୀ ଓରଫ ଟିଙ୍କା ପାଢ଼ୀ ମନା କରିଦେଇଥିଲେ। ଏନେଇ ଦଳିତ ପରିବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପ୍ରକାର ସୁଫଳ ମିଳିନଥିଲା। ଫଳରେ ଦଳିତ ପରିବାରର ଶତାଧିକ ମହିଳା ଚୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀଙ୍କ ଘର ଆଗରେ ହାଣ୍ଡି ମାଠିଆ ଧରି ପ୍ରତିବାଦ କରିବା ସହ ବିକ୍ଷୋଭ କରିଥିଲେ ମଧ୍ୟ କୌଣସି ପ୍ରକାର ସୁଫଳ ମିଳିନଥିଲା। ପିଇବା ପାଣି ପାଇଁ ବାରମ୍ବାର ବ୍ଲକ ପ୍ରଶାସନକୁ ଅଭିଯୋଗ କରିବା ସହ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିଲେ ମଧ୍ୟ ପାଣି ପାଇ ନଥିଲେ। ଫଳରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାଣ୍ଡି ମାଠିଆ ଗରା ବାଲ୍‌ଟି ଧରି ଆସିକା- ଦିଗପହଣ୍ଡି ମୁଖ ରାସ୍ତା ଓ ପଳାଶପୁର-ଡେଙ୍ଗାଓସ୍ତା ରାସ୍ତାକୁ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ, ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ପରେ ପଳାଶପୁର କାଳୀ ମନ୍ଦିର ନିକଟରେ ବ୍ଲକ ପ୍ରଶାସନ ଓ ପୁଲିସ ପ୍ରଶାସନଙ୍କ ମିଳିତରେ ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ନେଇ ଏକ ବୁଝାମଣା ହୋଇଥିଲା। ଖୁବ୍‌ଶୀଘ୍ର ପଳାଶପୁର ଗ୍ରାମରେ ଏକ ନୂତନ ଭାବେ ନଳକୂପ ଖନନ କରାଯିବା ଏବଂ ନଳକୂପ ଖନନ ହେବା ଦିନ ପର୍ଯ୍ୟନ୍ତ ଟ୍ୟାଙ୍କର ମାଧ୍ୟମରେ ଲୋକଙ୍କୁ ପାଣି ଯୋଗାଇ ଦିଆଯିବ। ଯେଉଁ ଲୋକ ଜାତିଭେଦକୁ ଆକ୍ଷେପ କରି ପାଣି ପାଇଁ ମନା କରିଥିଲେ ତାଙ୍କୁ ମଧ୍ୟ ଲୋକଙ୍କୁ ପାଣି ନେବାକୁ ନେବାକୁ ମନା ନକରିବା ପାଇଁ ତାଗିଦ୍ କରିଥିଲେ। ତେବେ ଆଗାମୀ ୫ ଦିନ ମଧ୍ୟରେ ଯଦି ଗ୍ରାମରେ ପାଣି ନ ମିଳେ ତାହାହେଲେ ପୁଣି ରାସ୍ତା ଅବରୋଧ କରିବା ନେଇ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



## ବରିଷ୍ଠ ନାଗରିକ ମଞ୍ଚର ବୈଠକ



**ଭଞ୍ଜନଗର,୩।୬(ସମିସ):** ଆର୍ଯ୍ୟ କନ୍ୟା ଗୁରୁକୁଳ, ତନରଡ଼ା ସନ୍ନିକଟ ଜରାନିବାସଠାରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସୋମନାଥ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କୁଲାଡ଼ର ବାର୍ତ୍ତ ସଙ୍ଗଠନ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ଆରଏସଏସ ସଙ୍ଗଠକ ସୁବାସ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ପାଢ଼ୀ ଯୋଗଦେଇ ମଞ୍ଚ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଅତିଥିମାନେ ଜରାନିବାସର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ବଦାନ୍ୟ ବ୍ୟକ୍ତିମାନେ ମୁକ୍ତ ହସ୍ତରେ ଏ କଲ୍ୟାଣକାରୀ ଅନୁଷ୍ଠାନକୁ କିଛି ଦାନ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭ୍ୟମାନେ ଜରାନିବାସର ଅନ୍ତେବାସୀମାନଙ୍କ ସହ ସେମାନଙ୍କର ଭଲ ମନ୍ଦ ବିଷୟରେ ଆଲୋଚନା କରିଥିଲେ। ସାମ୍ବାଦିକ ରବୀନ୍ଦ୍ର ପାତ୍ର, ସତୀଶ ରେଡି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଞ୍ଚର ଉପସଭାପତି ଦିବଙ୍ଗତ ଇଂ ପ୍ରଭାତ ଚନ୍ଦ୍ର ତାରାସିଂଆଙ୍କ ଉଦ୍ଦେଶ୍ୟରେ ଦୁଇ ମିନଟ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପଣ୍ଡିତ ବିପ୍ର ଚରଣ ସାହୁ ସନାତନ ଧର୍ମ ଉପରେ ପ୍ରବଚନ ରଖିଥିଲେ। ଆଚାର୍ଯ୍ୟ ରବିନାରାୟଣ ସାମନ୍ତ ଯେଉଁମାନେ ଅନୁଷ୍ଠାନ ପ୍ରତି ସହଯୋଗର ହାତ ବଢ଼ାଇଛନ୍ତି ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସଭା ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ଆସିକା,୩।୬(ସମିସ):** ରବିବାର ରାତ୍ରରେ କୋଟିନଡା ଥାନା କଲେଜ ଛକ ସୂତାକଲ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହରିଡ଼ାପଦର ପଞ୍ଚାୟତ ମାଗୁରା ଗ୍ରାମର ବାଦଲ ନାୟକ। ବାଦଲ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରିବା ସମୟରେ ସୂତାକଲ ନିକଟରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବାଦଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପୁଲିସ ବାଦଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଟିନଡା ଥାନା କେସନଂ(୧୫୬/୨୪)ରେ ଏକ ମାମଲା ରୁଜୁ କରିଥିବା ବେଳେ ଦୁର୍ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ଜଣାପଡ଼ିନି।

### ● ଅଷ୍ଟମ ଦିନରେ ରାମାୟଣାମ୍ମାଙ୍କ ଯାତ୍ରା

## ନୀଳକଣ୍ଠ ଓ ପାତ୍ର ସାହିରେ ଘଟ ପରିକ୍ରମା

**ଛତ୍ରପୁର,୩।୬(ସମିସ):** ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ସୋମବାର ମା'ଙ୍କ ଘଟ ଅସ୍ଥାୟୀ ମଣ୍ଡପଠୁ ବାହାରି କୋର୍ଟ ଷ୍ଟେସନ, ନୀଳକଣ୍ଠ ଓ ପାତ୍ର ସାହିକୁ ଯାଇ ଭକ୍ତମାନଙ୍କ ଘରକୁ ଘର ଯାଇ ମା' ଭୋଗ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଦହି ଭାତ ଭୋଗ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ଆଳତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ୩ଟି ସାହିକୁ ଯାଇ ଭୋଗ ଗ୍ରହଣ କରିଥିଲେ। ମା'ଙ୍କ ଏହି ଯାତ୍ରା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଜନସମାଗମ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ୍.ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପି.ରାଜୁ ରେଡ୍ଡୀଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।



## ସରସ୍ୱତୀ ଶିଶୁ ମନ୍ଦିର ସମ୍ବର୍ଦ୍ଧିତ



**ଛତ୍ରପୁର,୩।୬(ସମିସ):** ଭୁବନେଶ୍ୱରସ୍ଥିତ ୟୁନିଟ୍-୮ ସରସ୍ୱତୀ ଶିଶୁ ମନ୍ଦିରରେ ଓଡ଼ିଶା ଶିକ୍ଷା ବିକାଶ ସମିତିଙ୍କ ଦ୍ୱାରା ଆୟୋଜିତ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସମସ୍ତ ଶିଶୁ ପ୍ରଥମ ଶ୍ରେଣୀ (୬୦%)ରୁ ଊର୍ଦ୍ଧ୍ୱ ମାର୍କରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଛତ୍ରପୁର ସରସ୍ୱତୀ ଶିଶୁ ମନ୍ଦିରକୁ ସମ୍ମାନିତ କରାଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତିଙ୍କ ତରଫରୁ ଭୁବନେଶ୍ୱରଠାରେ ଆୟୋଜିତ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଓ ସଂପାଦକ ତଥା ଆଇନଜୀବୀ ପଦ୍ମଚରଣ ସାହୁ ଉକ୍ତ ସମ୍ମାନ ଗ୍ରହଣକରିଛନ୍ତି। ଚଳିତବର୍ଷଆମବିଦ୍ୟାଳୟ ସମ୍ମାନିତ ହୋଇଥିବାରୁ ପରିଚଳନା କମିଟି, ପ୍ରଧାନାଚାର୍ଯ୍ୟ, ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ସମସ୍ତ ଶିଶୁମାନେ ଓଡ଼ିଶା ଶିକ୍ଷା ବିକାଶ ସମିତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଦୁର୍ବ୍ୟବହାର

## ୧୮ ଜଣଙ୍କ ନାଁରେ ମାମଲା ରୁଜୁ

**ହୁମ୍ମା,୩।୬(ସମିସ):** ରମ୍ଭା ଥାନା ଅନ୍ତର୍ଗତ କୋମଣ୍ଡ ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ସମ୍ପତ୍ତି ଜବତ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ନ୍ୟାୟ ଆଶାରେ ପୀଡ଼ିତା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଏନେଇ ୧୮ ଜଣଙ୍କ ନାଁରେ ମାମଲା ରୁଜୁ କରିଛି।

କୋମଣ୍ଡ ଗାଁର ରେଡ୍ଡି ସମ୍ପ୍ରଦାୟର ଜଣେ ମହିଳାଙ୍କୁ ପୂର୍ବ ଶତ୍ରୁତାରୁ ଗାଁରୁ ବିତାଡ଼ିତ କରିବା ସହ ଗ୍ରାମବାସୀ ତାଙ୍କ ସମ୍ପତ୍ତି ଜବରଦଖଲ ଉଦ୍ୟମ କରିଥିଲେ। ଏପରିକି ତାଙ୍କୁ ସମାଜରୁ ବାସନ୍ଦ କରିଥିଲେ। ମେ ମାସ ୯ ତାରିଖରେ ଏଭଳି ଘଟଣା ଘଟିଥିଲା। ମହିଳା ଜଣଙ୍କ ଅଭିଯୋଗକାରୀଙ୍କ ଧମକ ପରେ ପୁଲିସର ସାହାରା ନେଇ ନଥିଲେ। ପୂର୍ବରୁ ସରପଞ୍ଚ ଓ ସମିତିସଭ୍ୟ ନିର୍ବାଚନକୁ ଭିତ୍ତିକରି ମହିଳାଙ୍କ ସ୍ୱାମୀ ଓ ପୁଅକୁ ମିଛ କେଶରେ ଫଶାଇ ଦିଆଯାଇଥିବା ବେଳେ ଏସମସ୍ତ ଘଟଣାରେ ମର୍ମାହତ ହୋଇ ଗତ ଶନିବାର ଦିନ ରମ୍ଭା ଥାନାରେ ମହିଳା ଜଣଙ୍କ ଅଭିଯୋଗ କରିଥିଲେ। ମେ ମାସ ୯ ତାରିଖରେ ମହିଳା ଜଣକ ଧାନ ଅମଳ ଓ ଘରର ପରିସ୍ଥିତି ବୁଝିବାକୁ ନିଜ ଗ୍ରାମକୁ ଯାଇଥିବା ବେଳେ ଘରର କବାଟରେ ନିଜେ ପକାଇ ଥିବା ତାଲା ବଦଳରେ ଅନ୍ୟ ତାଲାଟି ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ସମୟରେ ଅଭିଯୁକ୍ତମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଗାଁ ଭିତରେ ପଶିବାକୁ ବାରଣ କରିଥିବା ମହିଳା ଜଣଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ରମ୍ଭା ପୁଲିସ କେସନଂ ୩୫୬/୨୪ ଅନୁଯାୟୀ ସେହି ଗ୍ରାମର ୧୮ ଜଣଙ୍କ ନାମରେ ମାମଲା ରୁଜୁ କରିଛି ପୁଲିସ। ଏଏସଆଇ ସୁଜିତ ପାଣିଗ୍ରାହୀ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି।

### ● ଦିଲୀପ ପାହାନ ହତ୍ୟା ଘଟଣା

## ବେଙ୍ଗାଲୁରୁରୁ ଗିରଫ ହେଲେ ୩ ଅଭିଯୁକ୍ତ



**ଖଲ୍ଲିକୋଟ/ଛତ୍ରପୁର,୩।୬(ସମିସ):** ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ରାଜନୈତିକ ହିଂସାରୁ ଗତ ମାସ ୧୫ ତାରିଖରେ ଘଟିଥିବା ଦିଲୀପ ପାହାନ ହତ୍ୟା ଘଟଣାରେ ପୂର୍ବରୁ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସୋମବାର ଆଉ ୩ ଜଣ ଅଭିଯୁକ୍ତଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଛି। ଏଥିସହ ହତ୍ୟାରେ ବ୍ୟବହୃତ ଖଣ୍ଡାକୁ ମଧ୍ୟ ପୁଲିସ ଜବତ କରିଛି। ଅଭିଯୁକ୍ତମାନେ ହେଲେ ରାମଚନ୍ଦ୍ର ପୁର ଗ୍ରାମର କୋକନ ନାହାକ (୨୩), ଲୋଂଘର ଗ୍ରାମର ଶିବରାମ ତରେଇ ଓରଫ ରାଜା (୨୧) ଓ ବିନୟ ତରେଇ (୨୨)। ଗିରଫ ୩ ଜଣଙ୍କୁ ପଚରାଉଚରା ପରେ ପୁଲିସ ରାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ମାଟି ତଳେ ପୋତା ଯାଇଥିବା ଖଣ୍ଡାକୁ ଜବତ କରିଥିଲେ। ପୁଲିସ ୩ ଜଣଙ୍କୁ ଗିରଫ କରି ଏସଆଇଟିକୁ ହସ୍ତାନ୍ତର କରିଛି। ଏହି ୩ ଜଣଙ୍କୁ ମିଶାଇ ଗିରଫ ସଂଖ୍ୟା ୧୭ରେ ପହଞ୍ଚିଛି। ଏସ୍‌ଆଇଟି ଟିମ୍ ଘଟଣାର ତଦନ୍ତ ଜାରି ରଖିଛି।

**ହତ୍ୟାରେ ବ୍ୟବହୃତ ଖଣ୍ଡା ଜବତ**

### ଭଞ୍ଜନଗରରେ ୩ ବିଧାନସଭାର ଭୋଟ ଗଣତି

# ଫଳାଫଳକୁ ନେଇ ସମସ୍ତେ ଉତ୍କଣ୍ଠିତ

**ଭଞ୍ଜନଗର,୩।୬(ସମିସ)**

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଭୋଟ ଗଣତି କେନ୍ଦ୍ରଠାରେ ୩ଟି ବିଧାନସଭା ଆସନର ଭୋଟ ଗଣତି ହେବ। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କଲେଜ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ୧୪୪ ଧାରା ଲାଗୁ କରାଯାଇଛି। ଷ୍ଟ୍ରଙ୍ଗ୍ ରୁମ୍ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରାୟ ଏକ ପ୍ଲାଟୁନ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଷ୍ଟ୍ରଙ୍ଗ୍ ରୁମ୍‌କୁ ଜଗି ରହିଥିବା ବେଳେ ଗେଟ୍ ସମ୍ମୁଖ ଓ କଲେଜ ପରିସରରେ ଓଡ଼ିଶା ପୁଲିସ୍‌ର ଜଣେ ଅଧିକାରୀଙ୍କ ନେତୃତ୍ୱରେ ଜଗି ରହିଛନ୍ତି। କିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ଭୋଟ ଗଣତି ଆରମ୍ଭ ହୋଇ ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭଞ୍ଜନଗର ଉପଖଣ୍ଡ ଅଧୀନ ୧୨୩ ନଂ ଭଞ୍ଜନଗର, ୧୨୮ ନଂ ଆସିକା ଓ ୧୨୯ ନଂ ସୋରଡା ବିଧାନସଭା ଆସନର ଅନେକ ରାଜନେତାଙ୍କ ଭବିଷ୍ୟତ ଏହି ଫଳାଫଳ ଉପରେ ନିର୍ଭର କରୁଛି। ତେବେ ବିଜୟ କାହା ସପକ୍ଷରେ ଯିବ ଏବଂ କ୍ଷମତାରେ କେଉଁ ନେତା ରହିବେ ତାହା ଭୋଟ ଗଣତି ପରେ ସ୍ପଷ୍ଟ ହୋଇଯିବ। ଚଳିତ ନିର୍ବାଚନରେ ଭଞ୍ଜନଗର ଆସନରୁ ୮ ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୯ ହଜାର ୪୫୩ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୬୪ ହଜାର ୫୨୬ ଜଣ ମତଦାତା ଭୋଟଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି। ସେହିଭଳି ସୋରଡା ଆସନରୁ ୭ ଜଣ ପ୍ରାର୍ଥୀ ରହିଥିବା ବେଳେ ୧ ଲକ୍ଷ ୫୩ ହଜାର ୨୫୪ ଜଣ ଭୋଟର ଭୋଟ ଦେଇଛନ୍ତି। ଆସିକା ବିଧାନସଭା ଆସନ ପାଇଁ ୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢିଥିବା ବେଳେ ୧ ଲକ୍ଷ ୧୯ ହଜାର ୬୮୮ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ତେଣୁ ନିର୍ବାଚନ ଫଳାଫଳ ବହୁ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ସେହି ଚିନ୍ତାରେ ସମସ୍ତଙ୍କ ହୃଦ୍‌ସ୍ପନ୍ଦନ ମଧ୍ୟ ବଢ଼ି ଯାଇଛି।




## ବିଦ୍ୟୁତ୍ ଆଘାତରେ ହରିଣ ଓ କୁଟୁରା ମୃତ

**ଗଞ୍ଜାମ,୩।୬(ସମିସ):** ଗଞ୍ଜାମ ବ୍ଲକ ରମ୍ଭା ଫରେଷ୍ଟ ଅନ୍ତର୍ଗତ ଲାଉପୁଟ ଗ୍ରାମସ୍ଥିତ ଏକ ନିର୍ଜନ ସ୍ଥାନରେ କେହି ଦୁର୍ବୃତ୍ତ ବିଦ୍ୟୁତ ତାର ବିଛେଇଥିଲେ। ଉକ୍ତ ବିଦ୍ୟୁତ ତାର ଲାଗି ରବିବାର ବିଳମ୍ବିତ ରାତିରେ ଗୋଟିଏ ହରିଣ ଓ କୁଟୁରାର ମୃତ୍ୟୁ ଘଟିଛି। ରାତ୍ରିକାଳୀନ ପାଟ୍ରୋଲିଂରେ ଯାଉଥିବା ବନବିଭାଗ କର୍ମଚାରୀ ଏହା ଦେଖି ମୃତକ ଜୀବ ଦ୍ୱୟକୁ ଉଦ୍ଧାର କରି ତନାଘନା ଆରମ୍ଭ କରାଯାଇଛି। ପରେ ଉଭୟ ପଶୁର ବ୍ୟବଚ୍ଛେଦ କରିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯୋଗ୍ୟ ଅତ୍ୟଧିକ ଗରମ ଓ ଗୁଳୁଗୁଳି ଯୋଗୁ ସାଧାରଣତଃ ବିଭିନ୍ନ ପଶୁ ପକ୍ଷୀ ଜଙ୍ଗଲରୁ ଜନବସତି ଆଡକୁ ଚାଲି ଆସୁଛନ୍ତି। କେତେବେଳେ ଗାଡି ମୋଟର ଧକ୍କାରେ ପ୍ରାଣ ହାନି ଘଟୁଥିବା ବେଳେ ଶିକାରୀର ଜାଲରେ ଶିକାର ହେଉଛନ୍ତି। ତେଣୁ ବନବିଭାଗ ଏଥିପ୍ରତି ସଜାଗ ରହିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଦ ଜବତ; ୨ ଗିରଫ



**ଖଲ୍ଲିକୋଟ,୩।୬(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ରାସ୍ତାରେ ପୁଲିସ ଚଢ଼ଉ କରି ୨୩ ଲିଟର ଦେଶୀମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ବିକ୍ରମପୁର ରାସ୍ତାରେ ବିଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସଆଇ ପି. ପଟ୍ଟନାୟକ, ଏଏସଆଇ ହରେକୃଷ୍ଣ ସାମଲ, ପ୍ରଭାକର ଗନ୍ତା, ହାବିଲଦାର ଆରକେ ସାହୁ ବିକ୍ରମପୁର ରାସ୍ତାରେ ଚଢ଼ଉ କରି ୨୩ ଲିଟର ବିଦେଶୀମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଦୁଇ ଜଣ ହେଲେ ବିକ୍ରମପୁର କରଣ ସାହିର ଚନ୍ଦନ ବରାଡ଼ (୨୨) ଏବଂ କୋଇଲି ବୈକୁଣ୍ଠ ସାହିର ପ୍ରଭାକର ଜେନା (୫୪)। ଚନ୍ଦନ ନିକଟରୁ ୧୧.୧୬୦ ଏମଏଲ ବିଦେଶୀ ମଦ ଜବତ ହୋଇଥିବା ବେଳେ ତା ବିରୋଧରେ ଖଲ୍ଲିକୋଟ ଥାନା କେସନଂ ୪୭୦/୨୦୨୪ ଅନୁଯାୟୀ ମାମଲା ରୁଜୁ ହୋଇଛି। ପ୍ରଭାକର ନିକଟରୁ ୧୨.୧୫୦ ଏମଏଲ ବିଦେଶୀ ମଦ ଜବତ ହୋଇଥିବା ବେଳେ ତା' ବିରୋଧରେ ଖଲ୍ଲିକୋଟ ଥାନା କେସ ନମ୍ବର ୪୭୧/୨୦୨୪ ଅନୁଯାୟୀ ମାମଲା ରୁଜୁ ହୋଇଛି। ଉଭୟଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

